## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା

ପଡ଼ିଆ,(ଡି.ଏନ୍.ଏ.)- ପଡ଼ିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶନିବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଏଥିପାଇଁ ୧୦ଟି ପଞ୍ଚାୟତର ୧୦୩ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ କ୍ରୀଡ଼ା ପ୍ରତିଯୋଗିତାରେ ୫୦ଜଣ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ପେପର ପେଷ୍ଟ, ମ୍ୟୁଜିକ୍ ଚେୟାର, ଡ୍ୟାନ୍ସ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ଏବିଇଓ ଏସ୍. ସତ୍ୟନାରାୟଣ, ସମ୍ମାନିତ ଅତିଥି ରୂପେ କେ. ଭାସ୍କର ରାଓ,ସିଆର୍‌ସିସି ସୁମନ୍ତ କୁମାର ଖଟେଇ, ମାଣିକ ଗୋଲଦାର ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଭୈରବ ନନ୍ଦ ଦାସ ଓ ଶ୍ୟାମନାରାୟଣ ପାଣ୍ଡେ ପରିଚାଳନା କରିଥିଲେ। ପ୍ରଶାନ୍ତ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ୧୪ ଗ୍ରାମକୁ ସୁସ୍ଥ ଗ୍ରାମ, ୪ ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ ପୁରସ୍କାର

କୋରାପୁଟ ,୨୭।୩ (ସ୍ୱ.ପ୍ର)


ଜିଲାପାଳ ଜଣେ ଆଶାକର୍ମୀଙ୍କୁ ସମ୍ମାନିତ କରୁଛନ୍ତି ।

### ଜିଲାସ୍ତରୀୟ ଆଶା,ଗ୍ରାମ୍ୟ କଲ୍ୟାଣ ସମିତି ସମ୍ମିଳନୀ

କୋରାପୁଟସ୍ଥିତ ସାଂସ୍କୃତିକ ପରିଷଦ ପରିସରରେ ଶନିବାର ଜିଲାସ୍ତରୀୟ ଆଶା ଓ ଗ୍ରାମ୍ୟ କଲ୍ୟାଣ ସମିତିର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୪ଟି ଗ୍ରାମକୁ ସୁସ୍ଥ ଗ୍ରାମ ପୁରସ୍କାର, ୪ ଟି ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ ପୁରସ୍କାର ଏବଂ ଉଲ୍ଲେଖନୀୟ ସେବା ପାଇଁ ଜିଲାର ୭ ଜଣ ଆଶାକର୍ମୀଙ୍କୁ ପୁରସ୍କୃତ କରାଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲାପାଳ ଅବଦାଲ ଏମ ଅଖତାର ଯୋଗଦେଇ ଉଦ୍ଘାଟନ କରି ଆଶା କର୍ମୀମାନଙ୍କ ସେବାକୁ ପ୍ରଶଂସା କରିଥିଲେ। ଜିଲାର ୧୪ ଟି ବ୍ଲକର ୧୪ଟି ଗ୍ରାମକୁ ସୁସ୍ଥ ଗ୍ରାମ ପୁରସ୍କାର,୪ ଟି ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ ପୁରସ୍କାର ସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜିଲାପାଳ ପ୍ରଦାନ କରିଥିଲେ। ସୁସ୍ଥ ଗ୍ରାମ ପୁରସ୍କାର ପାଇଥିବା ଗ୍ରାମକଲ୍ୟାଣ ସମିତିଗୁଡିକ ହେଲା ବନ୍ଧୁଗାଁ ବ୍ଲକର ସାନ ସରପଲ୍ଲି ଗ୍ରାମ୍ୟ କଲ୍ୟାଣ ସମିତି , ବୈପାରିଗୁଡା ବ୍ଲକର କେରାପୁଟ ଗ୍ରାମ କଲ୍ୟାଣ ସମିତି , ବୋରିଗୁମ୍ମା ବ୍ଲକର ଗୌଡଗୁଡା ଗ୍ରାମ୍ୟ କଲ୍ୟାଣ ସମିତି, ଦଶମନ୍ତପୁର ବ୍ଲକର ମୈନାମାଳ ଗ୍ରାମ୍ୟ କଲ୍ୟାଣ ସମିତି , କୋଟପାଡ ବ୍ଲକର ପଟନାର ଗ୍ରାମ୍ୟ କଲ୍ୟାଣ ସମିତି , କୁନ୍ଦୁରା ବ୍ଲକର ଗୁଣ୍ଡେଇ ଗ୍ରାମ କଲ୍ୟାଣ ସମିତି, ସେମିଳିଗୁଡା ବ୍ଲକ କୁନ୍ଦୁଲି ପଞ୍ଚାୟତର ବାରାକୁଟୁଣୀ ଗ୍ରାମ୍ୟ କଲ୍ୟାଣ ସମିତି, ଲମତାପୁଟ ବ୍ଲକର ଅନକାଡେଲି ଗ୍ରାମ୍ୟ କଲ୍ୟାଣ ସମିତି, ଲକ୍ଷ୍ମୀପୁର ବ୍ଲକର ତିତିଖୋଲା ଗ୍ରାମ୍ୟ କଲ୍ୟାଣ ସମିତି, କୋରାପୁଟ ବ୍ଲକର ପଦ୍ମପୁର ଗ୍ରାମ କଲ୍ୟାଣ ସମିତି, ନନ୍ଦପୁର ବ୍ଲକର ପିଟାଲ ଗ୍ରାମ୍ୟ କଲ୍ୟାଣ ସମିତି, ନାରାୟଣପାଟଣା ବ୍ଲକର ବେଜୁଗୁଡା ଗ୍ରାମ୍ୟ କଲ୍ୟାଣ ସମିତି, ପଟ୍ଟାଙ୍ଗି ବ୍ଲକର ସିଉରା ଗ୍ରାମ୍ୟ କଲ୍ୟାଣ ସମିତି, ଜୟପୁରର ରାବଣାଗୁଡା ପଞ୍ଚାୟତର ପାଲକାପୁଟ ଗ୍ରାମ୍ୟ କଲ୍ୟାଣ ସମିତି। ସେହିପରି ଜିଲାର ବୋରିଗୁମ୍ମା ବ୍ଲକର ମାଲଦା ପଞ୍ଚାୟତ, କୋରାପୁଟ ବ୍ଲକର ପଦ୍ମପୁର ପଞ୍ଚାୟତ, କୁନ୍ଦୁରା ବ୍ଲକର ରାଣୀଗଡା ପଞ୍ଚାୟତ, ଲକ୍ଷ୍ମୀପୁର ବ୍ଲକର କାକିରିଗୁମ୍ମା ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଉଲ୍ଲେଖନୀୟ ସେବା ପାଇଁ କୋଟପାଡ ବ୍ଲକ ଘୁମର ଗ୍ରାମର ଆଶାକର୍ମୀ ଉର୍ମିଳା ହରିଜନ,କୋରାପୁଟ ବ୍ଲକର ବଡନାୟକଗୁଡା ଗ୍ରାମର ମାଳତି ନନ୍ଦ, ବୋରିଗୁମ୍ମା ବ୍ଲକର ସଦର ଗ୍ରାମର ବିଷ୍ଣୁପ୍ରିୟା ମଣ୍ଡଳ, କୁନ୍ଦୁରା ଲିମା ଗ୍ରାମର ଆଶାକର୍ମୀ ଶାନ୍ତିଲତା ସାହୁ,ବନ୍ଧୁଗାଁ ବ୍ଲକ ଆଲମଣ୍ଡା ଗ୍ରାମର ଆଶାକର୍ମୀ ଏସ. ପଦ୍ମା, ସେମିଳିଗୁଡା ବ୍ଲକର ପଡାଗୁଡା ଗ୍ରାମର ଆଶାକର୍ମୀ ନିଳାବତୀ ଗୁଣ୍ଡା ଏବଂ ନନ୍ଦପୁର ବ୍ଲକର ଏସ ଭେଜାପୁଟ ଗ୍ରାମର ଆଶାକର୍ମୀ ଉଷା ଖିଲ୍ଲଙ୍କୁସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମକରନ୍ଦ ବେଉରା ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ତୁଳସି କିରସାନୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ପ୍ରଧାନ, ଏଡିଏମଓ ଡାକ୍ତର ଅରୁଣ କୁମାର ପାଢୀ, ଡାକ୍ତର ନିଳ ମାଧବ ଶତପଥୀ ଉପସ୍ଥିତ ଥିଲେ। ସହକାରୀ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାଣି ପାଇଁ ମୁଖ୍ୟ ରାସ୍ତା ଅବରୋଧ


ରାସ୍ତା ଅବରୋଧ କରିଥିବା ସାହି ବାସିନ୍ଦା।

ଉମରକୋଟ,୨୭।୩(ସ୍ୱ.ପ୍ର.)

ଖରାର ପ୍ରଭାବ ବଢ଼ିବା ସହ ଜଳସ୍ତର କମିବାରେ ଲାଗିଛି। ଏଥିପାଇଁ ପାନୀୟ ଜଳ ସମସ୍ୟା ମଧ୍ୟ ଉତ୍କଟ ହେଉଛି। ହେଲେ ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ୨ନଂ. ୱାର୍ଡ ଗୋଡିଗୁଡ଼ାରେ ଏହି ସମସ୍ୟା ପୁରୁଣା। ପ୍ରତ୍ୟେକ ବର୍ଷ ଖରା ପୂର୍ବରୁ ସାହି ବାସିନ୍ଦା ପ୍ରଶାସନକୁ ସମସ୍ୟା ଜଣାଉଥିଲେ ମଧ୍ୟ ସମାଧାନ ହୋଇପାରୁନି। ପ୍ରତିଶ୍ରୁତି ଶୁଣି ବର୍ଷ ବିତିଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ଅଞ୍ଚଳବାସୀ ଶନିବାର ରାଜରାସ୍ତାକୁ ଓହ୍ଲାଇଥିଲେ। ପାନୀୟ ଜଳ ସମସ୍ୟାର ଶୀଘ୍ର ସମାଧାନ ଦାବିକରି ଗୋଡିଗୁଡ଼ା ସାହିର ମହିଳା ଏବଂ ପୁରୁଷ ହାଣ୍ଡି, ମାଠିଆ ଧରି କଣ୍ଡାଗାଁ-ଉମରକୋଟ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଉମରକୋଟ ପୋଲିସ ପହଞ୍ଚି ରାସ୍ତା ଅବରୋଧ କରିଥିବା ମହିଳା ଓ ପୁରୁଷଙ୍କୁ ବୁଝାଶୁଝା କରିଥିଲେ। ସେହିପରି ଉମରକୋଟ ତହସିଲଦାର ହିମାଞ୍ଚଳ ମାଝି ପହଞ୍ଚି ଜଳ ଯୋଗାଣ ସମୟକୁ ବୃଦ୍ଧି କରାଯିବ ବୋଲି କହିବା ସହ ତୁରନ୍ତ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରିଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା। ଅନ୍ୟପକ୍ଷରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ସମସ୍ୟା ବିଷୟରେ ପଚାରିବାରୁ ସେ କହିଛନ୍ତି, ସେହି ଅଞ୍ଚଳର ଜଳ ଯୋଗାଣ କେନ୍ଦ୍ରରେ କମ୍ ପାୱାରର ମୋଟର ଲାଗିଛି। ଶୀଘ୍ର ତାହାକୁ ବଦଳାଇ ଅଧିକ କ୍ଷମତାର ମୋଟର ଲଗାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଇନ୍ଦ୍ରାକ୍ଷୀ ହେଲେ ସମ୍ପାଦକ



ଗୁଣପୁର,୨୭।୩(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପଦ ପାଇଁ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ଏବଂ ରମେଶ ଚନ୍ଦ୍ର ଲିମାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ବିଜୟୀ ହୋଇଛନ୍ତି। ସେ ୪୦ଖଣ୍ଡ ଭୋଟ ପାଇଥିବାବେଳେ ରେମେଶ ଲିମା ୨୫ ଖଣ୍ଡ ଭୋଟ ପାଇଥିଲେ। ସକାଳ ୮ଟାରୁ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିଲା। ଏହାପରେ ଭୋଟ ଗଣତି କରାଯାଇଥିଲା। ସମୁଦାୟ ୮୪ ଭୋଟରଙ୍କ ମଧ୍ୟରୁ ୬୫ ଜଣ ମତସାବ୍ୟସ୍ତ କରିଥିଲେ। ନିର୍ବାଚନ ଅଧିକାରୀ ଥିବା ଅକ୍ଷୟ ଶତପଥୀଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ତାଙ୍କ ସ୍ଥାନରେ ସହ ନିର୍ବାଚନ ଅଧିକାରୀ ରାଜକିଶୋର ଦାସ ନିର୍ବାଚନ ପରିଚାଳନା କରିଥିଲେ। ସେହିପରି ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ଉପସଭାପତି ସରୋଜ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଗଣେଶ ସାହୁ ଏବଂ କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ବିପକ୍ଷରେ କୌଣସି ପ୍ରାର୍ଥିପତ୍ର ଦାଖଲ ହୋଇ ନ ଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

### ଓଡ଼ିଶା ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ରାୟଗଡ଼ା ଅଫିସ,୨୭।୩-ରାୟଗଡ଼ା ଜିଲାସ୍ତରୀୟ ଓଡ଼ିଶା ଦିବସ ଉପଲକ୍ଷେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ଜିସିଡି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ରାୟଗଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ମଧୁସ୍ମିତା ପାଣିଗ୍ରାହୀ ପ୍ରଥମ, ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ଛାତ୍ରୀ ତନୁଶ୍ରୀ ନାୟକ ଦ୍ୱିତୀୟ ଏବଂ ଜିସିଡି ହାଇସ୍କୁଲର ଛାତ୍ର ମୁକେଶ ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ବିଚାରକଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀଲ କର, ବାଳକୃଷ୍ଣ ମିଶ୍ର ଏବଂ ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ ଯୋଗଦେଇଥିଲେ। ଜିସିଡି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ସ୍କୁଲର ଶିକ୍ଷକ ଅଶୋକ କୁମାର ଦାସ, ଅଜୟ ମିଶ୍ର ଏବଂ ସୁନୀଲ କୁମାର ମହାନ୍ତି ଏଥିରେ ସହଯୋଗ କରିଥିଲେ।

### ମଣିପ୍ରସାଦ ନାଲ୍‌କୋ ନୂତନ ସମୂହ ମହା ପ୍ରବନ୍ଧକ

ଦାମନଯୋଡି, ୨୭।୩ (ଡି.ଏନ.ଏ.)- ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପରେ ମାନବସମ୍ବଳ ଓ ପ୍ରଶାସନ ବିଭାଗରେ ନୂତନ ଭାରପ୍ରାପ୍ତ ଜିଜିଏମ୍ (ସମୂହ ମହାପ୍ରବନ୍ଧକ) ରୂପେ ମଣି ପ୍ରସାଦ ସାମଲ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି।



ସେ ୧୯୯୪ ପର୍ଯ୍ୟନ୍ତ ପଞ୍ଚପଟ୍ଟମାଳୀ ବକ୍ସାଇଟ୍ ଖଣିର ଭୂତତ୍ତ୍ୱ ବିଭାଗରେ କାର୍ଯ୍ୟ କରିଥିଲେ । ୨୦୦୯ ପର୍ଯ୍ୟନ୍ତ ଅନୁଗୋଳ ସେଲଟର ପ୍ଲାଣ୍ଟରେ କାର୍ଯ୍ୟ କରି ନାଲ୍‌କୋ କର୍ପୋରେଟ ଅଫିସ(ଭୁବନେଶ୍ୱର)ରେ ମହାପ୍ରବନ୍ଧକ ରୂପେ କାର୍ଯ୍ୟ କରିଛନ୍ତି। ଅଭିଜ୍ଞତାକୁ ଭିତ୍ତି କରି ସେ ପାରିପାର୍ଶ୍ୱିକ ଅଞ୍ଚଳର ଲୋକଙ୍କ ସମସ୍ୟା ଓ ଆବଶ୍ୟକତାକୁ ଭିତ୍ତିକରି ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସାମଲଙ୍କ ନିଜଘର ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳରେ । ସାମଲଙ୍କ ପୂର୍ବରୁ ଏହି ପଦବୀରେ ଥିବା ଅମରେନ୍ଦ୍ର କୁମାର ମିଶ୍ରଙ୍କ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ମହାପ୍ରବନ୍ଧକ ରୂପେ ବଦଳି ହୋଇଛି ।

### ବସନ୍ତ ନନ୍ଦ ସେମିଳିଗୁଡ଼ା ବାର୍ ଆସୋସିଏଶନ ସଭାପତି

ସେମିଳିଗୁଡ଼ା,୨୭।୩(ସ୍ୱ.ପ୍ର.)- ସେମିଳିଗୁଡ଼ା ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ସ୍ଥାନୀୟ ଆସୋସିଏଶନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବସନ୍ତ କୁମାର ନନ୍ଦ ସଭାପତି ଭାବେ ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକ ସତ୍ୟବ୍ରତ ପାଢ଼ୀ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଜେନା ଓ କୋଷାଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ମହାରଣା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବାର ଆସୋସିଏଶନର ସଦସ୍ୟା ସଲମା ବାନୋ ନିର୍ବାଚନ ଅଧିକାରୀ ରୂପେ ଦାୟିତ୍ୱ ତୁଲାଇଥିଲେ।

# ପାହାଡ଼ ନିକଟରୁ ମୃତଦେହ ଜବତ

ପଟ୍ଟାଙ୍ଗୀ,୨୭।୩(ଡି.ଏନ୍.ଏ.)

### ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

କୋରାପୁଟ ଜିଲା ପଟ୍ଟାଙ୍ଗୀ ପୋଲିସ ସମ୍ଭାଇ ପଞ୍ଚାୟତର ମଶାଣିଗୁଡ଼ା ନିକଟସ୍ଥ ପାହାଡ଼ଠାରୁ ଏକ ମୃତଦେହ ଜବତ କରିଛି। ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଖବରରୁ ଜଣାପଡ଼ିଛି ସମ୍ଭାଇ ପଞ୍ଚାୟତ ଝାଙ୍ଗରଗୁଡ଼ା ଗ୍ରାମର ଖରା କୁଜି କୋଟିଆ ପଞ୍ଚାୟତ ଡାଉପଦର ଗ୍ରାମର ଖରା ଦୟାଙ୍କୁ ବିବାହ କରିଥିଲେ। ମାତ୍ର କୁଜିଙ୍କୁ ଉକ୍ତ ଗ୍ରାମର ସୁନ୍ଦୁରୁ ହନ୍ତାଳ ଏକତରଫା ଭଲ ପାଉଥିଲେ। ଏହାକୁ ନେଇ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ଲାଗି ରହୁଥିଲା। କୁଜି ଅନେକ ସମୟରେ ନିଜ ଗ୍ରାମ ଝାଙ୍ଗରଗୁଡ଼ାକୁ ଚାଲି ଆସୁଥିଲେ। ସୁନ୍ଦୁରୁ ମଧ୍ୟ କୁଜିଙ୍କ ପଛେ ପଛେ ଝାଙ୍ଗରଗୁଡ଼ାରେ ପହଞ୍ଚିଯାଉଥିଲେ। ସୁନ୍ଦୁରୁ ଓ କୁଜି ଉଭୟେ ଗାଁ ଗାଁ ବୁଲି ମଦ୍ୟପାନ କରି ବୁଲୁଥିଲେ। ମଙ୍ଗଳବାର କୁଜି ଝାଙ୍ଗରଗୁଡ଼ାରେ ପହଞ୍ଚିବା ପରେ ସୁନ୍ଦୁରୁ ମଧ୍ୟ ପହଞ୍ଚିଥିଲେ। ଦୁହେଁ ବିଭିନ୍ନ ଗ୍ରାମ ବୁଲୁଥିଲେ। ଟିଟିବାଡି ଗ୍ରାମରେ ପହଞ୍ଚି ଉଭୟେ ମଦ୍ୟପାନ କରି ଝାଙ୍ଗରଗୁଡା ଗ୍ରାମକୁ ଫେରୁଥିଲେ। ତେବେ ସୁନ୍ଦୁରୁଙ୍କ ବାଟରେ ମୃତ୍ୟୁ ହୋଇଥିବା କୁହାଯାଉଛି। କିପରି ମୃତ୍ୟୁ ହେଲା ଜଣାପଡି ନାହିଁ। ଏ ସମ୍ପର୍କରେ ସୁନ୍ଦୁରୁଙ୍କ ପୁତୁରା ବିଶୁ ହନ୍ତାଳ ଓ ପରିବାର ଲୋକେ ଜାଣିବା ପରେ ବିଶୁ ଏବଂ ଟାଉପଦର ଗ୍ରାମବାସୀ ଝାଙ୍ଗରଗୁଡା ଗ୍ରାମରେ ପହଞ୍ଚି ସୁନ୍ଦୁରୁଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବିଶୁ ସୁନ୍ଦୁରଙ୍କ ମୃତଦେହ ମଶାଣିଗୁଡ଼ା ଗ୍ରାମର ନିକଟସ୍ଥ ପାହାଡ଼ ନିକଟରେ ପଡିଥିବା ଖବର ପାଇଥିଲେ। ଏନେଇ ଗ୍ରାମବାସୀ ଏବଂ ବିଶୁ ପଟ୍ଟାଙ୍ଗୀ ପୋଲିସକୁ ଜଣାଇଥିଲେ। ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସୁନ୍ଦୁରୁଙ୍କ ମୃତଦେହ ଜବତ କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିଶୁଙ୍କ ଲିଖିତ ଅଭିଯୋଗକ୍ରମେ ୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ସେଠ କହିଛନ୍ତି।

# ତପନ ସଭାପତି, ଶାନ୍ତନୁ ସମ୍ପାଦକ

ଉମରକୋଟ,୨୭।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ ପାଇଁ ପ୍ରଶାନ୍ତ କୁମାର ସାହୁ ଓ ତପନ ଦେବନାଥ, ଉପ ସଭାପତି ପଦ ପାଇଁ ରାମକୃଷ୍ଣ ନାୟକ ଓ ସଞ୍ଜୟ ନାୟକ, ସମ୍ପାଦକ ପଦ ପାଇଁ ଶାନ୍ତନୁ ବାହିନୀପତି ଓ ବି. କେ. ସିଂଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ତପନ ଦେବନାଥ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ କୁମାର ସାହୁଙ୍କ ଠାରୁ ୨ ଖଣ୍ଡ ଭୋଟ ଅଧିକ ପାଇ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟପଟେ ରାମକୃଷ୍ଣ ନାୟକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ସଞ୍ଜୟ ନାୟକଙ୍କ



ଠାରୁ ୧୨ ଖଣ୍ଡ ଭୋଟ ଅଧିକ ପାଇ ଉପସଭାପତି ହୋଇଛନ୍ତି। ସେହିପରି ଶାନ୍ତନୁ ବାହିନୀପତି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବି. କେ. ସିଂଙ୍କ ଠାରୁ ୭ ଖଣ୍ଡ ଭୋଟ ଅଧିକ ପାଇ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ସହ ସମ୍ପାଦକ ଭାବେ ଜଗଦୀଶ ଖମାରୀ ଓ କୋଷାଧ୍ୟକ୍ଷ ରୂପେ କମଳ ଗାଇନ୍ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀଭାବେ ମନୋହର ମହାନ୍ତି ଓ ଉପ ନିର୍ବାଚନ ଅଧିକାରୀ ରୂପେ ମନୋଜ ମହାପାତ୍ର ନିର୍ବାଚନ ପରିଚାଳନା କରିଥିଲେ। ନବ ନିର୍ବାଚିତ ସଭାପତି ତପନ ଦେବନାଥ ସମସ୍ତ ଆଇନଜୀବୀଙ୍କୁ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କ ସହଯୋଗରେ ଉନ୍ନତିମୂଳକ କାର୍ଯ୍ୟ କରିବି ବୋଲି କହିଛନ୍ତି।

# ଜଳ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ବିଧାୟକଙ୍କ ନିର୍ଦ୍ଦେଶ


ବିଧାୟକ ନିର୍ମାଣ ସଂସ୍ଥା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଚନ୍ଦାହାଣ୍ଡି,୨୭।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଶନିବାର ଚନ୍ଦାହାଣ୍ଡି ବ୍ଲକ୍ ମୋହରା ପଞ୍ଚାୟତ ବରିଗୁଡ଼ାଠାରେ ନିର୍ମାଣାଧୀନ ମେଗା ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ କହିଛନ୍ତି। ୨୦୨୧ ଡିସେମ୍ବର ୩୦ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ କରି ଲୋକଙ୍କୁ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ସେ ନିର୍ମାଣ ସଂସ୍ଥାର ବିପିଏମ୍ ରାମା ମୁର୍ତ୍ତୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୪୦ପ୍ରତିଶତ ସରିଥିବାବେଳେ ଗ୍ରାମାଞ୍ଚଳର ଲୋକଙ୍କୁ ଜଳ ଯୋଗାଣ ସକାଶେ ୬୦ ପ୍ରତିଶତ ପାଇପ୍ ପୋତା କାମ ମଧ୍ୟ ସରିଥିବା ବିଧାୟକ ଜାଣି ନିର୍ମାଣ ସଂସ୍ଥା ଓ ଚନ୍ଦାହାଣ୍ଡି ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଅନୀତା ପ୍ରଧାନଙ୍କ କାର୍ଯ୍ୟକୁ ନେଇ ଖୁସି ପ୍ରକାଶ କରିଛନ୍ତି। ପ୍ରକଳ୍ପ ପରିଦର୍ଶନବେଳେ ବିଧାୟକଙ୍କ ସହ ମହମ୍ମଦ ଇକବାଲ୍, ମନୋଜ କୁମାର ପାଣ୍ଡି, ତୁଳାରାମ ସାହୁ, ଘାଷିରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହାତ ମାରିଲେ ପିଚୁ ଉଠିଯାଉଛି

କୋରୁକୋଣ୍ଡା,୨୭।୩(ଡି.ଏନ.ଏ.)

### କାମବେଡ଼ା-ଡୁଡାମେଟା କେନାଲ ରାସ୍ତା ନିର୍ମାଣ


ନିମ୍ନମାନର ରାସ୍ତା କାର୍ଯ୍ୟ ହୋଇଥିବା ଦେଖାଉଛନ୍ତି ଗ୍ରାମବାସୀ।

ନିମ୍ନମାନର ରାସ୍ତା ନିର୍ମାଣର ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ସେମାନେ କାମ ବନ୍ଦ କରିବା ସହ ୪ ଦିନ ଧରି ଠିକାଦାରଙ୍କୁ କାମ କରିବାକୁ ଦେଇ ନ ଥିଲେ। ତେବେ ଶନିବାର ପୁଣି ଥରେ ଠିକାଦାର କାମ ଆରମ୍ଭ କରିଛନ୍ତି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖବରରୁ ଜଣାପଡିଛି ମାଲକାନଗିରି ଜିଲା ବାଲିମେଳାସ୍ଥିତ ପୋଟେରୁ ଇରିଗେଶନ ବିଭାଗ କାମବେଡା ଛକଠାରୁ ଡୁଡାମେଟା ପର୍ଯ୍ୟନ୍ତ କେନାଲ ରାସ୍ତା ନିର୍ମାଣ କରୁଛି। ଯେଉଁ ଠିକାଦାର କାମ ପାଇଛନ୍ତି ସେ ମନମୁଖି କାର୍ଯ୍ୟ କରୁଛନ୍ତି। ନିର୍ମିତ ରାସ୍ତା କାର୍ଯ୍ୟ ଏତେ ନିମ୍ନମାନର ହୋଇଛି ଯେ, ହାତ ମାରିଦେଲେ ପିଚୁ ଉଠିଯାଉଛି। ଏନେଇ ବିଭାଗୀୟ ଯନ୍ତ୍ରୀ ଧନେଶ୍ୱର ହେମ୍ବ୍ରମ ସବୁ ଦେଖି ମଧ୍ୟ ଚୁପ୍ ରହିଛନ୍ତି। ଏନେଇ ଗ୍ରାମବାସୀ ଠିକାଦାରଙ୍କୁ କହିଲେ ମଧ୍ୟ ସେ ଶୁଣୁ ନ ଥିଲେ। ଶେଷରେ ବାଧହୋଇ ଗ୍ରାମବାସୀ ଏକତ୍ରିତ ହୋଇ ଜିଲା ପରିଷଦ ମେମ୍ବର ବିଜୟ ବୈରାଗୀଙ୍କୁ ଡାକି ରାସ୍ତା କାର୍ଯ୍ୟ ଦେଖାଇ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ଏନେଇ ଯନ୍ତ୍ରୀ ହେମ୍ବ୍ରମଙ୍କୁ ପଚାରିବାରୁ ସେ ଠିକାଦାରଙ୍କୁ ଏପରି ନିମ୍ନମାନର କାର୍ଯ୍ୟ ବନ୍ଦ କରିବା ପାଇଁ କହିଥିଲେ ମଧ୍ୟ ଠିକାଦାର ଶୁଣୁ ନ ଥିବା କହିଛନ୍ତି। ସହକାରୀ ଯନ୍ତ୍ରୀ ଅଭିମନ୍ୟୁ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଏଯାଏ ଏହି କାମର କୌଣସି ବିଲ୍ ହୋଇନାହିଁ। ଯଦି ଏପରି ଅଭିଯୋଗ ଆଉ ଥରେ ଆସେ ତା'ହେଲେ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ। ଅନ୍ୟପକ୍ଷରେ କାର୍ଯ୍ୟ ଠିକ୍ ନ ହେଲେ ଆଗାମୀ ଦିନରେ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଜଳଛତ୍ର ସ୍ଥାପନ

ମାଲକାନଗିରି,୨୭।୩ (ଡି.ଏନ୍.ଏ.)

ମାଲକାନଗିରି ସଦର ମହକୁମାସ୍ଥିତ ରିକ୍ଲାମେଶନ କଲୋନୀ କଳାହାଣ୍ଡି ସାହି ଯୁବକ ସଂଘ ପକ୍ଷରୁ ଗ୍ରୀଷ୍ମ କାଳୀନ ଅଂଶୁଘାତ ରୋକିବା ପାଇଁ କଳାହାଣ୍ଡି ସାହି ଛକଠାରେ ଏକ ଜଳଛତ୍ର ଶନିବାର ଉଦ୍‌ଘାଟିତ ହୋଇଛି। ରେଡକ୍ରସ ଆବାହକ ଡଃ ରଞ୍ଜନ କୁମାର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ।

# ୨ ବସ୍‌ରୁ ୪୧ ଶ୍ରମିକ ଉଦ୍ଧାର

ନବରଙ୍ଗପୁର,୨୭।୩(ବି.ପ୍ର.)

### ବିନା ପଞ୍ଜୀକରଣରେ ହେଉଥିଲା ଚାଲାଣ

ନବରଙ୍ଗପୁର ଜିଲାରୁ ରାଜ୍ୟ ବାହାରକୁ ଚାଲାଣବେଳେ ପୋଲିସ ୪୧ ଶ୍ରମିକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକଙ୍କ ମଧ୍ୟରେ ୩ ନାବାଳକ ରହିଛନ୍ତି। ବିନା ପଞ୍ଜୀକରଣରେ ଏମାନଙ୍କୁ ଚାଲାଣ କରାଯାଉଥିଲା। ଏହା ଜଣାପଡ଼ିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ୪୧ ଶ୍ରମିକଙ୍କ ମଧ୍ୟରୁ ୧୮ ଜଣ ଗୋଟିଏ ବସ୍‌ରେ କେରଳ ଯାଉଥିଲେ। ଏମାନେ ଜଣେ ଠିକାଦାରଙ୍କ ମାଧ୍ୟମରେ ସେଠାକୁ ଯାଉଥିଲେ। କିନ୍ତୁ ନାମ ପଞ୍ଜୀକରଣ କରି ନ ଥିଲେ। ତେଣୁ ସେମାନଙ୍କୁ ପଞ୍ଜୀକରଣ କରାଯାଇ କେରଳ ଯିବାକୁ ଅନୁମତି ଦିଆଯାଇଥିଲା। ହେଲେ ଅନ୍ୟ ଏକ ବସ୍‌ରେ ୨୩ ଶ୍ରମିକ ହାଇଦ୍ରାବାଦ ଯାଉଥିଲେ ମଧ୍ୟ କେଉଁଠି କାମ କରିବେ ଏବଂ କାହା ମାଧ୍ୟମରେ ଯାଉଥିଲେ ସେ ବିଷୟରେ କୌଣସି ସୂଚନା ମିଳି ନ ଥିଲା। ତେଣୁ ସେମାନଙ୍କୁ ଶ୍ରମ ବିଭାଗ ପକ୍ଷରୁ ଅଟକ ରଖାଯାଇଥିଲା। ପଚରା ଉଚରା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏହି ଶ୍ରମିକମାନେ ତେନ୍ତୁଳିଖୁଣ୍ଟି ଏବଂ ପାପଡ଼ାହାଣ୍ଡି ବ୍ଲକ୍ ଅଞ୍ଚଳର ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଜିଲାରେ କାମ ମିଳୁ ନ ଥିବା ଏବଂ ଓଡ଼ିଶା ତୁଳନାରେ କେରଳରେ ଅଧିକ ପାରିଶ୍ରମିକ ମିଳୁଥିବାରୁ ବାହାର ରାଜ୍ୟକୁ କାମ ପାଇଁ ଯାଉଥିବା ଶ୍ରମିକମାନେ କହିଛନ୍ତି।

# ପୂର୍ବ ସମୟରେ ଗଡ଼ିବ ଗୁଣପୁର-ବିଶାଖାପାଟଣା ଟ୍ରେନ୍

ଗୁଣପୁର,୨୭।୩(ଡି.ଏନ୍.ଏ.)-କରୋନା ପାଇଁ ଗୁଣପୁର-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍ ଚଳାଚଳ ବର୍ଷେ ହେଲା ବନ୍ଦ ରହିଥିଲା। ତେବେ ଏପ୍ରିଲ ୭ରୁ ଏହି ଟ୍ରେନ୍ ଚଳାଚଳ କରିବ ଏବଂ ପୂର୍ବ ନିର୍ଦ୍ଧାରିତ ସମୟରେ ଚାଲିବ ବୋଲି ଜଣାପଡ଼ିଛି। ଏହି ଟ୍ରେନ୍ ଭୋର୍ ୫.୩୫ରୁ ବିଶାଖାପାଟଣା ଷ୍ଟେଶନରୁ ବାହାରି ମଧ୍ୟାହ୍ନ ୧୨.୨୦ରେ ଗୁଣପୁରରେ ପହଞ୍ଚିବ। ସେହିପରି ଦିନ ୧.୫୫ରେ ପୁଣି ଗୁଣପୁରରୁ ବାହାରି ରାତି ୮.୪୫ରେ ବିଶାଖାପଟଣାରେ ପହଞ୍ଚିବ ବୋଲି ରେଲ୍‌ୱେ ବୋର୍ଡ ପକ୍ଷରୁ ପ୍ରକାଶ ପାଇଥିବା ସମୟ ସାରଣୀରୁ ଜଣାପଡ଼ିଛି।

# ବିଜେଡିର ନିର୍ବାଚନ ମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ

କୋରାପୁଟ,୨୭।୩,(ସ୍ୱ.ପ୍ର)

କୋରାପୁଟସ୍ଥିତ ବିଧାୟକଙ୍କ ବାସଭବନଠାରେ ଶନିବାର ଜିଲା ବିଜୁ ଜନତା ଦଳର ନିର୍ବାଚନମଣ୍ଡଳୀ ସ୍ତରୀୟ ବିଭିନ୍ନ କର୍ମକର୍ତ୍ତା ଓ ପର୍ଯ୍ୟବେକ୍ଷକମାନଙ୍କୁ ନେଇ ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ତଥା ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥିଭାବେ ଓ ଡାକ୍ତର ଇନ୍ଦିରା ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲାରେ ବିଜେଡିକୁ ଅଧିକ ମଜଭୁତ୍ କରିବା ଉପରେ ଗୁରୁତ୍ୱରୋପ କରିଥିଲେ । ଆଗାମୀ ଦିନରେ ହେବାକୁ ଥିବା କୋରାପୁଟ ପ୍ରିମିୟର ଲିଗ କିପରି ସୁରୁଖୁରୁରେ ହେବ ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସଙ୍ଗଠନକୁ ଅଧିକ ମଜଭୁତ୍ ସମସ୍ତଙ୍କୁ ନେଇ କାର୍ଯ୍ୟ କରିବା କରିବା ପାଇଁ କର୍ମକର୍ତ୍ତାମାନେ ଶପଥ ନେଇଥିଲେ। କୋଟପାଡ ନଗର ସଭାପତି ରୂପେ ମହମ୍ମଦ ଅରିଫ ପଟେଲଙ୍କୁ ଦାୟିତ୍ୱ ମିଳିଥିବାରୁ ତାଙ୍କୁ ଜିଲା ସଭାପତି ସମ୍ବର୍ଦ୍ଧିତ କରିଥିଲେ। ଜୟପୁର ନିର୍ବାଚନ ମଣ୍ଡଳୀ ପାଇଁ ଜିଲା ସଭାପତି ପାଣିଗ୍ରାହୀ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ପ୍ରଫୁଲ୍ଲ ପାଙ୍ଗି ଦାୟିତ୍ୱ ନେଇଛନ୍ତି। କୋରାପୁଟ ନିର୍ବାଚନ ମଣ୍ଡଳୀ ପାଇଁ ନାରାୟଣ ବିଶୋୟୀ, ଲକ୍ଷ୍ମୀପୁର ପାଇଁ ଉତ୍କଳ ରଞ୍ଜନ ନାୟକ, ପଟ୍ଟାଙ୍ଗି ପାଇଁ ରମାକାନ୍ତ ରାଉଳ, କୋଟପାଡ ନିର୍ବାଚନ ମଣ୍ଡଳୀ ପାଇଁ ସୂର୍ଯ୍ୟ ନାରାୟଣ ରଥ ଦାୟିତ୍ୱରେ ଅଛନ୍ତି। ୩ଟି ବ୍ଲକ ପର୍ଯ୍ୟବେକ୍ଷକ ଭାବେ ଜୟପର ବ୍ଲକ ପାଇଁ ନରସିଂହ ମିଶ୍ର, କୁନ୍ଦୁରା ବ୍ଲକ ପାଇଁ ମନୋଜ କୁମାର ବେହେରା ଏବଂ ସେମିଳିଗୁଡା ବ୍ଲକ ପାଇଁ ରଘୁ ପାଢୀ ରହିଛନ୍ତି।

# ପିଏମ୍‌ଏୱାଇରେ ବ୍ୟାପକ ଅନିୟମିତତା

ବିଷମକଟକ,୨୭।୩


ରାମାରାଓଙ୍କ ଘର ବାହାରେ ଆବାସ ଯୋଜନା ଫଳକ ।

- ଆବାସ ନ ଦେଇ ଫଳକ ଲଗାଇଲା ପ୍ରଶାସନ
- ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ଘର
- ଜାଲିଆତି କରି ହାତଉଛନ୍ତି ଆବାସ ଗୃହ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ବ୍ୟାପକ ଅନିୟମିତତା ଅଭିଯୋଗ ହେଉଛି। ଆବାସ ଯୋଜନାରେ ଘର ପାଇ ନ ଥିବା ଲୋକଙ୍କ ଘରେ ମଧ୍ୟ ଆବାସ ଯୋଜନା ଫଳକ ଲଗାଯାଉଛି। ଏଭଳି ଅଭିଯୋଗ ଆସିଛି ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ହାଟମୁନିଗୁଡ଼ା ପଞ୍ଚାୟତର ବାଞ୍ଜିକୁସୁମ ଗ୍ରାମରୁ।

ଗାଁର ରାମାରାଓ କୁମ୍ବୁରୁକା ପିଏମ୍‌ଏୱାଇ କିମ୍ବା ବିଜୁ ପକ୍କାଘର ଯୋଜନାରେ କୌଣସି ଘର ପାଇ ନ ଥିବାବେଳେ ନିଜ ଟଙ୍କାରେ ସେ ଘର ନିର୍ମାଣ କରିଛନ୍ତି। ହେଲେ ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କ ଘରେ ଆବାସ ଯୋଜନା ଫଳକ ଲଗାଇଛନ୍ତି। ଏ ନେଇ ରାମାରାଓ ବିଡିଓଙ୍କ ନିକଟରେ ଅଭିଯୋଗ କରିବା ସହ ସେ ଆବାସ ଯୋଜନାରେ କୌଣସି ଗୃହ ପାଇ ନ ଥିବା ଜଣାଇଥିଲେ। ଏ ବିଷୟରେ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ରାମାରାଓଙ୍କୁ ୨୦୧୭-୧୮ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜାନାରେ ଗୃହ ମଞ୍ଜୁର ହୋଇଥିଲା। କିନ୍ତୁ ଗୃହ ନିର୍ମାଣ ନିମନ୍ତେ ତାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନ ଥିଲା। ତେବେ କେଉଁ ପରିସ୍ଥିତିରେ ତାଙ୍କ ଘରେ ଫଳକ ଲାଗିଲା ସେ ନେଇ ଆମ ପ୍ରତିନିଧି ଆର୍‌ଟିଆଇ ବଳରେ ସୂଚନା ପାଇଁ ଆବେଦନ କରିଥିଲେ। ତେବେ ପ୍ରକୃତ ହିତାଧିକାରୀଙ୍କୁ ଗୃହ ପ୍ରଦାନ ବଦଳରେ ସେହି ଗ୍ରାମର ରାଜୁ କୁମ୍ବୁରୁକାଙ୍କ ନାମରେ କାର୍ଯ୍ୟାଦେଶ ଆସିଥିବା ଆର୍‌ଟିଆଇରେ ମିଳିଥିବା ସୂଚନାରୁ ସ୍ପଷ୍ଟ ହୋଇଛି।

ପ୍ରକୃତ ହିତାଧିକାରୀ ରାମାରାଓଙ୍କ ନାମରେ ଗୃହ ଆଦେଶ ପତ୍ର ଆସିଥିଲେ ମଧ୍ୟ ଚଞ୍ଚକତା କରାଯାଇ ରାଜୁଙ୍କ ସମସ୍ତ ନଥିପତ୍ର ଯୋଡ଼ି ଫାଇଲ ପ୍ରସ୍ତୁତ କରାଯାଇ ଗୃହ କାର୍ଯ୍ୟାଦେଶ ପ୍ରଦାନ ସହ ଗୃହ ବାବଦର ସମସ୍ତ ଟଙ୍କା ଉଠାଣ ହୋଇଥିଲା। ସୂଚନାଯୋଗ୍ୟ, ରାମାରାଓଙ୍କ ବାପାଙ୍କ ନାମ ସନ୍ନ୍ୟାସୀ କୁମ୍ବୁରୁକା ଏବଂ ରାଜୁଙ୍କ ବାପାଙ୍କ ନାମ ସିନାମାଝି କୁମ୍ବୁରୁକା। କିନ୍ତୁ ରାଜୁ କୁମ୍ବୁରୁକା ଏବଂ ରାମାରାଓ କୁମ୍ବୁରୁକା ଜଣେ ବ୍ୟକ୍ତି ବୋଲି ଏକ ଆଫିଡେଭିଟ୍ କରାଯାଇ ରାଜୁଙ୍କୁ କିପରି ଆବାସ ଗୃହ ପାଇଁ କାର୍ଯ୍ୟାଦେଶ ଦିଆଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ୨୦୧୮ ଜାନୁୟାରୀ ୧ ଏବଂ ୨୦୧୮ ଫେବୃୟାରୀ ୩ ରେ ରାଜୁଙ୍କୁ ଦୁଇଟି କିସ୍ତିରେ ୫୫ ହଜାର ଟଙ୍କା ପ୍ରଦାନ କରିସାରିବା ପରେ ୨୦୧୮ ଜୁନ୍ ୨୯ରେ ରାମାରାଓ ଏବଂ ରାଜୁ ଜଣେ ବ୍ୟକ୍ତି ବୋଲି ଆଫିଡେଭିଟ୍ ପ୍ରସ୍ତୁତ କରାଯାଇଛି। ତେଣୁ ଆବାସ ଗୃହ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯଦି ଜଣେ ହିତାଧିକାରୀ ଜୁନ୍ ୨୦୧୮ରେ ଆଫିଡେଭିଟ୍ ପ୍ରଦାନ କରିଛନ୍ତି, ତେବେ ତାଙ୍କୁ ୨୦୧୮ ଜାନୁୟାରୀରେ କିପରି କାର୍ଯ୍ୟାଦେଶ ପ୍ରଦାନ କରାଗଲା ବୋଲି ପ୍ରଶ୍ନ ଉଠିଛି। ଏଭଳି ଚଞ୍ଚକତା କରାଯାଇ ପ୍ରକୃତ ହିତାଧିକାରୀଙ୍କ ବଦଳରେ ଅନ୍ୟ ଲୋକଙ୍କ ନାମରେ ଟଙ୍କା ଉଠାଣ କରାଯାଉଥିବା ଏଥିରୁ ସ୍ପଷ୍ଟ ହୋଇଛି। ତେଣୁ ଜିଲା ପ୍ରଶାସନ ଏହାର ତଦନ୍ତକରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି ହେଉଛି। ଏଥିସହ ହାଟମୁନିଗୁଡ଼ା ପଞ୍ଚାୟତରେ ୨୦୧୭-୧୮ ବର୍ଷରେ ଆବାସ ଗୃହ ପ୍ରଦାନ ଘଟଣାର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି।

### ପଞ୍ଚାୟତିରାଜ ପ୍ରତିନିଧିଙ୍କ ସମ୍ମିଳନୀ

ରାୟଗଡ଼ା ଅଫିସ-ରାୟଗଡ଼ା ଜିଲା ଜେକେ କାଗଜ କଳ ପରିସରରେ ପାର୍ଶ୍ୱବର୍ତ୍ତୀ ୧୦ପଞ୍ଚାୟତର ପଞ୍ଚାୟତିରାଜ ପ୍ରତିନିଧିଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାମୁଲୁ ପେଦେଣ୍ଡି ଯୋଗ ଦେଇଥିଲେ। ସୁନଦୀପ ପାଣ୍ଡେ(ଜିଏମ୍ ଏଚ୍ଆର୍ ଏଣ୍ଡ ଆଇଆର୍)ଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମିଳନ ଲେଙ୍କା ପିଆର୍ଆଇ ଲିଡରମାନଙ୍କର ଦାୟିତ୍ୱ ବିଷୟରେ ସେମାନଙ୍କୁ ଅବଗତ କରାଇଥିଲେ। ଲୋକ ସମ୍ପର୍କ ଅଧିକାରୀ ସୁନୀଲ ନାଥ ସ୍ୱାଗତ ଭାଷଣ ରଖିବା ସହ ଜେକେ କାଗଜ କଳର ସିଏସ୍ଆର୍ କାର୍ଯ୍ୟକ୍ରମ ବିଷୟରେ ଜଣାଇଥିଲେ। ହରିହର ଖମାରୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ନାବାଳିକା ସମେତ ୧୧ ଶିଶୁ ଶ୍ରମିକ ଉଦ୍ଧାର

ରାୟଗଡ଼ା ଅଫିସ/ଗୁଣପୁର, ୨୭।୩ (ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ସହରରୁ ଶନିବାର ୧୧ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏମାନେ ଗୁଣପୁର ସହରସ୍ଥିତ ବିକ୍ରମପୁର ଛକ, ନୂଆ ବସ୍ଷ୍ଟାଣ୍ଡ ଏବଂ ମୁଖ୍ୟରାସ୍ତାରେ ଥିବା ଦୋକାନ, ହୋଟେଲ, ଗ୍ୟାରେଜ ସମେତ କେତେକ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ବିଭିନ୍ନ ସ୍ଥାନରେ ଶିଶୁମାନଙ୍କୁ କାମରେ ଲଗାଯାଇଥିବା ସୂଚନା ପାଇ ମିଳିତ ଚଢ଼ାଉ କରାଯାଇଥିଲା। ଉଦ୍ଧାର ଶିଶୁମାନେ ଗୁଣପୁର ଏବଂ ଗୁଡାରି ବ୍ଲକ୍ ଅଞ୍ଚଳର। ଏମାନଙ୍କ ମଧ୍ୟରେ ଜଣେ ନାବାଳିକା ରହିଥିବା ଜଣାପଡ଼ିଛି। ନାବାଳକମାନଙ୍କୁ ରାୟଗଡ଼ାସ୍ଥିତ ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ହାଜର କରାଯାଇ କାଉନ୍ସେଲିଂ କରାଯିବ। ସେହିପରି ନାବାଳିକାଙ୍କୁ ସ୍ନେହା ଆଶ୍ରୟସ୍ଥଳୀରେ କାଉନ୍ସେଲିଂ ପରେ ଘରକୁ ପଠାଯିବ ବୋଲି ସୂଚନା ମିଳିଛି। ଚଢ଼ାଉରେ ସହକାରୀ ଶ୍ରମ ଅଧିକାରୀ ସ୍ୱାତିଲଗ୍ନା ପାତ୍ର, ପୋଲିସ ଏସ୍ଆଇ ସୁଶାନ୍ତ କୁମାର ବେହେରା, ଚାଇଲ୍ଡଲାଇନ୍‌ର ଦୁର୍ଗାପ୍ରସାଦ ସେନାପତି, ବିଜୟକେତନ ସାହୁ, ଟଙ୍କଧର ପାତ୍ର ସାମିଲ ଥିଲେ।

### ପ୍ରଭାକର ପ୍ରଧାନ ଓକିଲ ସଂଘ ସଭାପତି

ମାଲକାନଗିରି,୨୭।୩ (ଡି.ଏନ୍.ଏ.)- ମାଲକାନଗିରି ଜିଲା ଓକିଲ ସଂଘର ଅନୁଷ୍ଠିତ ନିର୍ବାଚନରେ ପ୍ରଭାକର ପ୍ରଧାନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ପୂର୍ବତନ ସଭାପତି ଦୁର୍ଗା ତ୍ରିପାଠୀଙ୍କୁ ୬ଟି ଭୋଟରେ ଆଗୁଆ ରହି ବିଜୟୀ ହୋଇଛନ୍ତି। ଉପସଭାପତି ଭାବେ ମାନସ କୁମାର ସ୍ୱାଇଁ, ସମ୍ପାଦକ ଭାବେ ପ୍ରକାଶ ମହାନ୍ତି, ସହ ସମ୍ପାଦକ ଭାବେ ଧୀରଜ ପାଣିଗ୍ରାହୀ, କୋଷାଧକ୍ଷ ଭାବେ ଭବତୋଷ ବିଶ୍ୱାସ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି ନିର୍ବାଚନ ଅଧିକାରୀ ରୂପେ କାର୍ଯ୍ୟ ତୁଲାଇଥିଲେ। ଏହି ସମୟରେ ଆଇନଜୀବୀ ଦିଲୀପ ପାତ୍ର , ଦିଲୀପ ପରିଚ୍ଛା, ଗୋବିନ୍ଦ ପାତ୍ର, ଅନବର ସାହା, ରାମ ପଟ୍ଟନାୟକ, ରମେଶ ପଟ୍ଟନାୟକ, ନୃସିଂହ ମହାନ୍ତି ବଳରାମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଯାତ୍ରା: ମାଲକାନଗିରିରେ ପହଞ୍ଚିଲେ ତିନି ଠାକୁର

ମାଲକାନଗିରି,୨୭।୩ (ଡି.ଏନ୍.ଏ.)

ବଡଯାତ୍ରାର ତିନି ଠାକୁର ଶନିବାର ମାଲକାନଗିରିରେ ଆସି ପହଞ୍ଚିଛନ୍ତି। ମାଲକାନଗିରିରୁ ପୁଜାରି ଦଳ ମାନ୍ୟମକୋଣ୍ଡା ଯାଇ ସେଠାରେ ୩ଟି ବାଉଁଶରେ କାନାମରାଜୁ, ବାଲାରାଜୁ ଓ ପୋତରାଜୁଙ୍କ ପ୍ରତିମୂର୍ତ୍ତି ତିଆରି କରି ପ୍ରାଣ ପ୍ରତିଷ୍ଠା କରି ପୋଲେରୁଠାରେ ଥିବା ମୁତ୍ୟାଲାମ୍ମା ଠାକୁରାଣୀଙ୍କ ସହ ଏହି ତିନି ଠାକୁରଙ୍କୁ ମାଲକାନଗିରି ଅଭିମୁଖେ ବିଜେ କରାଇ ଆଣିଛନ୍ତି। ମାର୍ଚ୍ଚ ୨୨ରେ ତିନି ଠାକୁର ସିଲେରୁ ନଦୀରେ ସ୍ନାନ କରି ପୋଲେରୁରେ ଯାତ୍ରା ସାରି ମାନ୍ୟମକୋଣ୍ଡାରେ ଦୁଇଦିନ ଯାତ୍ରା କରିବା ପରେ ୨୪ରେ କାଲିମେଲା,୨୫ରେ ପୋଟେରୁ ଓ ୨୬ରେ ତମସାରେ ଯାତ୍ରା ସାରି ତିନି ଠାକୁର ମାଲକାନଗିରି କନ୍ୟାମାଝୀ ବନ୍ଧ ନିକଟରେ ଆସି ପହଞ୍ଚିଥିଲେ। ସନ୍ଧ୍ୟାରେ ପ୍ରାଣୀ ଚିକିତ୍ସାଳୟ ସମ୍ମୁଖ ମାଣ୍ଡିଆଭଟାକୁ ବିଜେ କରିଛନ୍ତି। ରବିବାର ରାତିରେ ମାଉଲିମା ମନ୍ଦିରରେ ପଦାର୍ପଣ କରିବେ। ସେଠାରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଯାତ୍ରା ସରିବା ପରେ ବୁଧବାର ଭୋରରୁ ମାନ୍ୟମ କୋଣ୍ଡା ଅଭିମୁଖେ ଯିବେ।


ମାଲକାନଗିରିରେ ପହଞ୍ଚିଥିବା ଠାକୁର।

# କୋରାପୁଟରେ ଅଜିତ୍ , ଜୟପୁରରେ ସରୋଜ ସଭାପତି

କୋରାପୁଟ/ଜୟପୁର, ୨୭।୩(ସ୍ୱ.ପ୍ର./ନିପ୍ର.)

କୋରାପୁଟ ବାର ଆସୋସିଏଶନ ନିର୍ବାଚନ ଶନିବାର ଶେଷ ହୋଇଛି । ସଭାପତି ଭାବେ ଅଜିତ କୁମାର ପାତ୍ର , ଉପସଭାପତି ଉତ୍ତମ ମିଶ୍ର , ସମ୍ପାଦକ ଭାବେ ସୁନିଲ କୁମାର ଜେନା , କୋଷାଧକ୍ଷ ଭାବେ ରମେଶ ଚନ୍ଦ୍ର ନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟଭାବେ ଦିଲୀପ କୁମାର ମିଶ୍ର, ଶେଷାଦ୍ରି ପାଣିଗ୍ରାହୀ, ପ୍ରଦୀପ ମହାନ୍ତି, ତାରିଣୀ ଚରଣ ପାତ୍ର, ସଞ୍ଜୟ ଝା, ଅଶ୍ୱନୀ ପଟ୍ଟନାୟକ, ସସ୍ମିତାରାଣୀ ସାହୁ, ସନ୍ତୋଷ ରଥ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ କମଳାକାନ୍ତ ଦାସ ନିର୍ବାଚନ ପରିଚାଳନା କରିଥିଲେ।

ଜୟପୁର ଜିଲା ବାର ଆସୋସିଏଶନ ନିର୍ବାଚନରେ ଆଇନଜୀବୀ ସରୋଜ ଦାସ ସଭାପତି, ଉପସଭାପତି ଶରତ କୁମାର ମାଝି, ସମ୍ପାଦକ ଆନନ୍ଦ ରଥ ଓ ଯୁଗ୍ମ ସମ୍ପାଦକ ଭାବେ ଗିରିଧର ଖରା ନିର୍ବାଚିତ ହୋଇଛନ୍ତି। ୫୭୦ ସଦସ୍ୟ ବିଶିଷ୍ଟ ଏହି ବାର ଆସୋସିଏଶନର ର୍ନିବାଚନରେ ଆଜି ମୋଟ ୪୧୯ ଜଣ ସଦସ୍ୟ ମତଦାନ କରିଥିଲେ।

# ପଦ୍ମପୁର ଅଞ୍ଚଳରେ ବର୍ଷା, ଝଡ଼ତୋଫାନ

ପଦ୍ମପୁର,୨୭।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ବର୍ଷା ସହ ଝଡ଼ତୋଫାନ ଦେଖିବାକୁ ମିଳିଥିଲା। ଏଥିରେ କେତେକ ସ୍ଥାନରେ ଗଛ ଉପୁଡ଼ିପଡ଼ିଛି। ସେହିପରି ପଦ୍ମପୁର ମୁଖ୍ୟ ବଜାର ଓ ଆଇଓବି ବ୍ୟାଙ୍କ କଲୋନୀ ବଜାର ରାସ୍ତାଠାରୁ କଲେଜ ଯିବା ରାସ୍ତାରେ ଡ୍ରେନ୍ କାମ ଠିକ୍‌ଭାବେ ହୋଇ ନ ଥିବାରୁ ଗୁନାମ୍‌ବନ୍ଧରୁ ଦୂଷିତ ଜଳ ଆସି ଆଇଓବି ବ୍ୟାଙ୍କ ରାସ୍ତାରେ ଆଣ୍ଠୁଏ ପାଣି ଜମିଛି। ଜଳ ନିଷ୍କାସନର ବ୍ୟବସ୍ଥା ହୋଇ ନ ଥିବାରୁ ପୋଷ୍ଟ ଅଫିସ, ଆର୍.ଜି. କଲେଜ, ସରସ୍ୱତୀ ଶିଶୁ ମନ୍ଦିର, ଧବଳେଶ୍ୱର ଓ ମଲ୍ଲିକେଶ୍ୱର ଶୈବପୀଠ ରାସ୍ତାରେ ଆଣ୍ଠୁଏ ଲେଖାଏ ଆବର୍ଜନା ପାଣି ଜମିରହିଛି। ଫଳରେ ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କ ଯାତାୟାତରେ ସମସ୍ୟା ହୋଇଛି। ଅନ୍ୟପକ୍ଷରେ ଗୁମୁଡ଼ାରୁ ପଦ୍ମପୁରକୁ ଆସିଥିବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଏକ ପାଇପ୍ ଦୁଇଦିନ ହେଲା ଫାଟିଯାଇଥିବାରୁ ଲୋକେ ପାନୀୟ ଜଳ ପାଇପାରୁନାହାନ୍ତି। ଏଭଳି ପରିସ୍ଥିତିରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ମରାମତି କାର୍ଯ୍ୟବେଳେ ବର୍ଷା ଏବଂ ଝଡ଼ତୋଫାନ ଯୋଗୁ ସମସ୍ୟା ହୋଇଛି।

# ଶ୍ରମିକଙ୍କ ସହ ମିଶି ହିତାଧିକାରୀଙ୍କ ଘରକାମ କଲେ ଜିଆର୍‌ଏସ୍

ନବରଙ୍ଗପୁର,୨୭।୩(ବି.ପ୍ର.)

ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରମିକ ସାଜିଲେ ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍)। କୋଦାଳ ଓ କଡ଼େଇ ଧରି ଘର ପ୍ଲାଷ୍ଟର କାମ କରିଛନ୍ତି ଝରିଗାଁ ବ୍ଲକ୍ କୁଟ୍ରିଛାପର ପଞ୍ଚାୟତର ଜିଆର୍‌ଏସ୍ ସଞ୍ଜୟ ରଥ। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଝରିଗାଁ ବ୍ଲକ୍ କୁଟ୍ରିଛାପର ପଞ୍ଚାୟତରେ କାର୍ଯ୍ୟରତ ଜିଆର୍‌ଏସ୍ ସଞ୍ଜୟଙ୍କୁ ନିକଟସ୍ଥ ଇଚ୍ଛାପୁର ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହକାର୍ଯ୍ୟ ତଦାରଖ ସହ ୫୯ଟି ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିର୍ଦ୍ଦେଶ ମିଳିଛି। ଦୀର୍ଘଦିନରୁ ସେଠାରେ ଅଧାପନ୍ତରିଆଭାବେ ପଡି ରହିଥିବା ପରମା ଭତ୍ରାଙ୍କ ଗୃହକାର୍ଯ୍ୟ ଶୀଘ୍ର ସାରିବା ଲକ୍ଷ୍ୟ ନେଇ ଜିଆର୍‌ଏସ୍ ତାଙ୍କ ଘରକାମରେ ସାହାଯ୍ୟ କରିଛନ୍ତି। ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ମିଳିଛି। ହିତାଧିକାରୀ ଏବଂ ଶ୍ରମିକଙ୍କୁ ଉତ୍ସାହିତ କରିବା ପାଇଁ ନିଜେ ଶ୍ରମିକଭାବେ କାମ କରୁଛି ବୋଲି ସଞ୍ଜୟ କହିଛନ୍ତି।


ଜିଆର୍‌ଏସ୍ ସଞ୍ଜୟ ରଥ ହିତାଧିକାରୀଙ୍କ ଘର ତିଆରିରେ ସାହାଯ୍ୟ କରୁଛନ୍ତି।

# ଜିଲା ପରିକ୍ରମା କରୁଛି ସଚେତନତା ରଥ

ମାଲକାନଗିରି,୨୭।୩ (ଡି.ଏନ୍.ଏ.)–

କୋଭିଡ୍ ମହାମାରୀରୁ ନିଜକୁ ସୁରକ୍ଷିତ ରଖିବା ଲାଗି ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ରଥ ଶନିବାର ମାଲକାନଗିରି ଜିଲା ପରିକ୍ରମା କରୁଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଯାତ୍ରା ଆରମ୍ଭ କରିଥିବା ଏହି ରଥକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ତହସିଲଦାର ଗୁଣନିଧି ନାୟକ, ଜିଲା ରେଡକ୍ରସ ଆବାହକ ଡ. ରଞ୍ଜନ କୁମାର ସ୍ୱାଇଁ, ଖବରଦାତା ରତ୍ନାକର ଦାସ, ଚାଇଲ୍ଡ ଫଣ୍ଡ ଅଫ୍ ଇଣ୍ଡିଆର ଅଧିକାରୀ ରାଜେଶ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ନିଗ୍ଧା ଚୌଧରୀ ପ୍ରମୁଖ ଉପସ୍ଥିତ ଥିଲେ। ଲୋକେ ହାତ ଧୋଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା କୋଭିଡ୍ ଟିକା ନେବାକୁ ଏଥିରେ ଥିବା ଜିଲାର ସାଂସ୍କୃତିକ ଦଳ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବେ।

# 'ବ୍ରହ୍ମାଣ୍ଡର ଉତ୍ପତ୍ତି ଓ ନିୟତି' ଶୀର୍ଷକ ଆଲୋଚନାଚକ୍ର

ଜୟପୁର,୨୭।୩ (ନି.ପ୍ର.)

ବିକ୍ରମ ଦେବ ଦର୍ଶନଶାସ୍ତ୍ର ଅଧ୍ୟୟନ ମଣ୍ଡଳୀ ପକ୍ଷରୁ 'ବ୍ରହ୍ମାଣ୍ଡର ଉତ୍ପତ୍ତି ଓ ନିୟତି' ଶୀର୍ଷକ ଏକ ଆଲୋଚନାଚକ୍ର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଦର୍ଶନଶାସ୍ତ୍ର ବିଭାଗରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧକ୍ଷ ଗୋପାଳ ହାଲ୍‌ଦାର ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ରବୀନ୍ଦ୍ରନାଥ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ରହ୍ମାଣ୍ଡର ଉତ୍ପତ୍ତି ଓ ନିୟତି ପ୍ରସଙ୍ଗରେ ଗବେଷଣାସିଦ୍ଧ ବକ୍ତବ୍ୟ ଦେଇଥିଲେ। ବରିଷ୍ଠ ଗବେଷକ ପ୍ରଫେସର ଗଣେଶ ପ୍ରସାଦ ଦାସ ମଧ୍ୟ ଆଲୋଚନାଚକ୍ରରେ ନିଜ ମତ ରଖିଥିଲେ। ଡ. ଲକ୍ଷ୍ମଣ ପାତ୍ର ଅତିଥି ପରିଚୟ ଦେଇଥିଲେ। ଅନ୍‌ଲାଇନ ମାଧ୍ୟମରେ ହୋଇଥିବା ଏହି ଆଲୋଚନାଚକ୍ରରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। ବେଦବ୍ୟାସ ଭଞ୍ଜ ଧନ୍ୟବାଦ ଦେଇଥିଲେ।




# କୋରାପୁଟ ମେଡିକାଲ କଲେଜକୁ ହାଲ୍ ଦେଲା ଆମ୍ବୁଲାନ୍ସ

ସୁନାବେଡ଼ା,୨୭।୩(ସ୍ୱ.ପ୍ର.)

ସୁନାବେଡ଼ାସ୍ଥିତ ହାଲ୍ ପକ୍ଷରୁ ପାରିପାର୍ଶ୍ୱିକ ବିକାଶ ପାଣ୍ଠିରୁ ୩୩ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟରେ ଏକ ଆମ୍ବୁଲାନ୍ସ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପ୍ରଦାନ କରାଯାଇଛି। ଅତ୍ୟାଧୁନିକ ଯନ୍ତ୍ରପାତିର ସୁବିଧା ଥିବା ଏହି ଆମ୍ବୁଲାନ୍ସଦ୍ୱାରା କୋରାପୁଟ ଜିଲାର ଜନସାଧାରଣ ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ହାଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜିତେନ୍ଦ୍ର ମୋହନ ସାହୁ ମୁଖ୍ୟ ଅତିଥି, ମହାପ୍ରବନ୍ଧକ ଆଶୁତୋଷ ମଲ୍ଲିକ, ଡିଜିଏମ୍ ଏଚ୍ଆର୍ କେ. ଅଶୋକାନ, ମେଡିକାଲ କଲେଜର ଜେନେରାଲ ସୁପରିଣ୍ଟେଣ୍ଡେଣ୍ଟ ମଧୁମିତା ନାୟକ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ମେଡିକାଲ କଲେଜର ଅଭିରାମ ସାହୁ , ହାଲ୍ ମେଡିକାଲ ଅଫିସର ଡ. ଅନିତା ଜୈନ୍,ଡ. ପ୍ରଣୟ ପଲ ପ୍ରମୁଖ ଅନ୍ୟତମ ଅତିଥି ରୂପେ ଯୋଗଦେଇଥିଲେ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ଦୂର ଦୂରାନ୍ତରୁ ଆସୁଥିବା ଏବଂ ଉଚ୍ଚ ଚିକିତ୍ସା ଲାଗି ଅନ୍ୟତ୍ର ସ୍ଥାନାନ୍ତର ହେଉଥିବା ଅତି ଗୁରୁତର ରୋଗୀଙ୍କୁ ଏହି ଆମ୍ବୁଲାନ୍ସ ସେବା ଯୋଗାଇବାରେ ସହାୟକ ହେବ ବୋଲି ମୁଖ୍ୟ ଅତିଥି ସାହୁ କହିଥିଲେ। ଏଚ୍ଆର୍ ଉପ ପ୍ରବନ୍ଧକ ସ୍ମିତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇଆର୍ ମୁଖ୍ୟ ସୂର୍ଯ୍ୟକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

# ଜଙ୍ଗଲ ପୋଡ଼ି ନ ହେଲେ ପୁରସ୍କାର

ସେମିଳିଗୁଡ଼ା,୨୭।୩(ସ୍ୱ.ପ୍ର.)

ଜଙ୍ଗଲ ପୋଡ଼ିକୁ ରୋକିବା ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ନେଇ ଶନିବାର ସେମିଳିଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ତହସିଲଦାର ଶରତ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ସାଧାରଣ ଲୋକେ ସଚେତନ ହେଲେ ହିଁ ଜଙ୍ଗଲ ପୋଡ଼ି ରୋକିହେବ। ଏହା ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ସହ ଜାତୀୟ ସମ୍ପଦକୁ ସୁରକ୍ଷିତ ରଖିବାରେ ଯଥେଷ୍ଟ ସହାୟକ ହେବ ବୋଲି ସେ କହିଥିଲେ। ଯେଉଁ ଗ୍ରାମରେ ଜଙ୍ଗଲ ପୋଡି ନ ହେବ ସେହି ଗ୍ରାମର ଲୋକଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ଉପସ୍ଥିତ ବନାଞ୍ଚଳ ଅଧିକାରୀ ନବୀନ ପଣ୍ଡା କହିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ଅଗ୍ନିଶମ ବିଭାଗର ହାବିଲଦାର ଆର୍.ଆର୍.ବାରିକ,କନ୍‌ଷ୍ଟେବଲ ନୀଳାଞ୍ଚଳ ନାହାକ ପ୍ରମୁଖ ଯୋଗଦେଇ ଜଙ୍ଗଲ ପୋଡିକୁ ରୋକିବା ଓ ନିଆଁ ଦାଉରୁ ଜଙ୍ଗଲକୁ କିପରି ରକ୍ଷା କରାଯିବ ସେ ଦିଗରେ ମତ ରଖିଥିଲେ। ସେମିଳିଗୁଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ ବନ ସୁରକ୍ଷା ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ମୋବାଇଲ ଟାୱାର ଚୋରି ଅଭିଯୋଗ

ନବରଙ୍ଗପୁର,୨୭।୩,(ବି.ପ୍ର.)

ବନ୍ଦ ଥିବା ରିଲାଏନ୍ସ ମୋବାଇଲ ଟାୱାର ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ମୋବାଇଲ ଟାୱାର ସ୍ଥାପନ କରାଯାଇଥିଲା। ଏବେ କିଛି ମୋବାଇଲ ଟାୱାର ଚୋରି ହୋଇଥିବା ଜଣାପଡ଼ିଛି। ନବରଙ୍ଗପୁର ଜିଲାର ଡିଗିସଲପା, ବରଗାଁ, ବଡଆମ୍ବଡ଼ା, ଖୁଣ୍ଟିଗୁଡ଼ା, ଡଙ୍ଗରା, ମଦେଗାଁ ଆଦି ସ୍ଥାନରୁ ଟାୱାର ଚୋରି ହୋଇଥିବା ଜଣାପଡ଼ିଛି। ଟାୱାରର ଫାଉଣ୍ଡେସନ ବ୍ୟତୀତ ଅନ୍ୟ କୌଣସି ଜିନିଷ ନାହିଁ। ଏ ନେଇ ଅନ୍‌ଲାଇନ୍ ମାଧ୍ୟମରେ ବିଭିନ୍ନ ଥାନାରେ ଏତଲା ଦିଆଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଟାୱାରକୁ କାଟିବା ପାଇଁ ନିୟୋଜିତ କିଛି ଶ୍ରମିକଙ୍କୁ କୋରାପୁଟ ଜିଲା ବେପାରୀଗୁଡ଼ା ପୋଲିସ ଧରିବା ପରେ ନବରଙ୍ଗପୁର ଜିଲାରେ ମଧ୍ୟ ଟାୱାରଗୁଡ଼ିକୁ ଯାଞ୍ଚ କରିବା ସମୟରେ ଚୋରି ହୋଇଥିବା ଜଣାପଡ଼ିଥିବା କମ୍ପାନିର ଏରିଆ ମ୍ୟାନେଜର କହିଛନ୍ତି। ପୋଲିସ ତଦନ୍ତ ପରେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ଜଣାପଡ଼ିଛି।

# ସଚେତନତା ବାର୍ତ୍ତା ବାଣ୍ଟୁଛି କୃଷିରଥ

କୁଡୁମୁଲୁଗୁମ୍ମା,୨୭।୩(ଡି.ଏନ.ଏ.)

କୁଡୁମୁଲୁଗୁମ୍ମାସ୍ଥିତ ସରକାରୀ କୃଷି କାର୍ଯ୍ୟାଳୟ ପରିସରରେ ଶନିବାର କୃଷିରଥ ଉଦ୍‌ଘାଟିତ ହୋଇଛି। ରାଜ୍ୟ ସରକାରଙ୍କ କୃଷିନୀତି ସମ୍ପର୍କିତ ସମସ୍ତ ବିଷୟକୁ ଏହି କୃଷିରଥ ଲୋକମାନଙ୍କୁ ଅବଗତ କରାଇବ। ଉଦ୍‌ଘାଟନ ପରେ ଏହି ରଥ କୁଡୁମୁଲୁଗୁମ୍ମା,ପୂଜାରିଗୁଡ଼ା,ନୂଆଗୁଡ଼ା, ପଖନାଗୁଡ଼ା, ଦୋରାଗୁଡ଼ା,ଗୋଟିଗୁଡ଼ା,ପଦିଆପାଲି ଓ ଗୁଣ୍ଡୁରିଗୁଡ଼ା ଗ୍ରାମରେ ଚାଷୀଙ୍କୁ ସୂଚନା, କାହାଣୀ ଓ ଗୀତ ମାଧ୍ୟମରେ କୃଷି ଉଦ୍ୟୋଗ ବିକାଶ ଯୋଜନା, ବଳରାମ ଯୋଜନା, ମୃତ୍ତିକା ପରୀକ୍ଷଣ, ବିହନ ବିଶୋଧନ, ଖାଦ୍ୟଶସ୍ୟ ପ୍ରକ୍ରିୟାକରଣ ଓ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ସମ୍ପର୍କରେ ସଚେତନ କରିଛି । କାର୍ଯ୍ୟକ୍ରମରେ ସରପଞ୍ଚ ପହଲା ପାଙ୍ଗୀ, ଭାଗୀରଥି ମୁଦୁଲି, ସମିତିସଭ୍ୟା ସ୍ମିତା ପ୍ରେପେକା,ଭଗମତୀ ପୂଜାରୀ, ସାମାଜିକ କର୍ମୀ ଭଗବାନ ସାହ,ଗୋପୀ ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



ଧରିତ୍ରୀ DHARITRI
Rayagada, Sunday, 28 March, 2021


# ଆଶଙ୍କାରେ ରହିଛି ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୨୭।୩**

ଏୟାର ଇଣ୍ଡିଆର ଭବିଷ୍ୟତକୁ ନେଇ ଶନିବାର ପୁଣିଥରେ କେନ୍ଦ୍ରମନ୍ତ୍ରୀ ହରଦୀପ୍ ସିଂ ପୁରୀ ସ୍ପଷ୍ଟକରି କହିଛନ୍ତି, ବର୍ତ୍ତମାନ ସମୟରେ ଏୟାର ଇଣ୍ଡିଆର ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିଦିଆଯିବ। କୌଣସି କାରଣବଶତଃ ଯଦି ଏହାର ବିକ୍ରି ହୋଇ ନ ପାରିବ ତେବେ ତାହାକୁ ସବୁଦିନ ପାଇଁ ବନ୍ଦ କରିଦିଆଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏୟାର ଇଣ୍ଡିଆ ବିକ୍ରି ଲାଗି ଶେଷଥର ପାଇଁ ନିଲାମ ଡକାଯାଇଛି। ନିଲାମ ପାଇଁ ରଖାଯାଇଥିବା ଶେଷ ତାରିଖ ପରେ ଏହାର ଶେଷ ନିଷ୍ପତ୍ତି ନିଆଯିବ। ବର୍ତ୍ତମାନ ସମୟରେ ସରକାରଙ୍କ ପାଖରେ ମାତ୍ର ଦୁଇଟି ରାସ୍ତା ରହିଛି। ଏୟାର ଇଣ୍ଡିଆକୁ ଘରୋଇକରଣ କରାଯିବ ନଚେତ୍ ସବୁଦିନ ପାଇଁ ବନ୍ଦ କରି ଦିଆଯିବ। ଏୟାର ଇଣ୍ଡିଆ ଆର୍ଥିକ ସଙ୍କଟ ଦେଇ ଗତିକରୁଛି ଓ ସରକାର ଏହାକୁ ବିକ୍ରି କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି। କମ୍ପାନୀ ବର୍ତ୍ତମାନ ପର୍ଯ୍ୟନ୍ତ ୬୦ ହଜାର କୋଟି ଟଙ୍କା କ୍ଷତିରେ ଚାଲୁଛି। ୨୦୦୭ ମସିହାରୁ ଏୟାର ଇଣ୍ଡିଆ କ୍ଷତିରେ ଚାଲି ଆସୁଥିବା ସେ ସୂଚନା ଦେଇଛନ୍ତି।

# ଭୂଷଣକୁ ଅଧିଗ୍ରହଣ କଲା ଜେଏସ୍‌ଡବ୍ଲ୍ୟୁ

**ନୂଆଦିଲ୍ଲୀ,୨୭।୩**

ଓଡ଼ିଶାର ଝାରସୁଗୁଡ଼ା ଜିଲାରେ ଥିବା ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ (ବିପିଏସ୍ଏଲ୍)ର ଇସ୍ପାତ କାରଖାନାକୁ ସଜ୍ଜନ ଜିନ୍ଦଲଙ୍କ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଅଧିଗ୍ରହଣ କରିଛି। ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍‌କୁ ପୂର୍ବରୁ ଋଣ ଦେଇଥିବା ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ୧୯,୩୫୦ କୋଟି ଟଙ୍କା ପ୍ରଦାନ କରିବା ପରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌କୁ ଏହି ସଫଳତା ମିଳିଛି। ଭୂଷଣଠାରୁ ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନ ମୋଟ ୪୭,୧୪୧ କୋଟି ଟଙ୍କା ପାଇବାର ଥିଲା। ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ୧୯,୩୫୦ କୋଟି ଟଙ୍କା ମିଳିବା ଦ୍ୱାରା ସେମାନଙ୍କୁ ମୋଟ ରାଶିର ପ୍ରାୟ ୪୧% ଅର୍ଥ ମିଳିଛି। ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଷ୍ଟକ୍ ଏକ୍ସଚେଞ୍ଜକୁ ଏହି ଅର୍ଥ ପ୍ରଦାନ ସମ୍ପର୍କରେ ଶୁକ୍ରବାର ସୂଚନା ଦେଇଛି। ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ପକ୍ଷରୁ ବିପିଏସ୍ଏଲ୍‌ର କର୍ମଚାରୀମାନଙ୍କୁ ସଜ୍ଜନ ଏକ ଟୁଇଟ୍ ଜରିଆରେ ସ୍ୱାଗତ କରିଛନ୍ତି। ବିପିଏସ୍ଏଲ୍ ପ୍ଲାଣ୍ଟର ବାର୍ଷିକ ୨.୫ ନିୟୁତ ଟନ୍ ବିଶିଷ୍ଟ ଇସ୍ପାତ କାରଖାନା ରହିଛି। ଏହି ଅଧିଗ୍ରହଣ ଫଳରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଦେଶର ସବୁଠୁ ବଡ଼ ଇସ୍ପାତ ଉତ୍ପାଦନ ନିର୍ମାତାରେ ପରିଣତ ହୋଇଛି। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୨୦.୫ ନିୟୁତ ଟନ୍‌ରେ ପହଞ୍ଚିଛି। କମ୍ପାନୀ ଏହାର ଇସ୍ପାତ ଉତ୍ପାଦନ କ୍ଷମତାକୁ ୨୦୩୦ ସୁଦ୍ଧା ୪୫ ନିୟୁତ ଟନ୍‌କୁ ବୃଦ୍ଧି କରିବାର ଯୋଜନା କରିଛି।

# ଏପ୍ରିଲରୁ ମହଙ୍ଗା ହେବ ଗାଡ଼ି

**ନୂଆଦିଲ୍ଲୀ,୨୭।୩**



କରୋନା ମହାମାରୀ ଯୋଗୁ ଅଟୋମୋବାଇଲ ଶିଳ୍ପ ବ୍ୟାପକ ଭାବରେ ପ୍ରଭାବିତ ହୋଇଛନ୍ତି। ମହାମାରୀ କାରଣରୁ ଉତ୍ପାଦନ ଏବଂ ଆବଶ୍ୟକ ସାମଗ୍ରୀର ଘୋର ସଙ୍କଟ ମଧ୍ୟ ଦେଖାଦେଇଛି। ସେହିଭଳି ସରକାରଙ୍କ ପରିବହନ ପ୍ରତିବନ୍ଧକ ଯୋଗୁ ବିଦେଶରୁ କୌଣସି ସାମଗ୍ରୀ ଠିକ୍ ଭାବେ ଆମଦାନୀ ହୋଇପାରିନାହିଁ। ଅନ୍ୟପକ୍ଷରେ ଚଳିତ ବର୍ଷର ବଜେଟରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଓ ବସ୍ତୁର ଦାମ୍ ମଧ୍ୟ ସରକାର ବଢାଇ ଦେଇଛନ୍ତି। ଏଭଳି ପରିସ୍ଥିତିରେ ଶିଳ୍ପ ବଞ୍ଚାଇବାକୁ ହେଲେ ଯାନବାହନର ଦର ବୃଦ୍ଧି କରିବାକୁ ହେବ ବୋଲି ବିଭିନ୍ନ ଯାନ ନିର୍ମାଣକାରୀ କମ୍ପାନୀ ମତବ୍ୟକ୍ତ କରିଛନ୍ତି। ୨୦୨୧ ଏପ୍ରିଲ ପହିଲାରୁ ୨, ୩ ଓ ୪ ଚକିଆ ଯାନ ମହଙ୍ଗା ହେବ ବୋଲି ସୂଚନା ମିଳିଛି। ଶିଳ୍ପକୁ ବଞ୍ଚାଇବା ସହ କାରବାରରେ ସୁଧାର ଆଣିବାକୁ ହେଲେ ଦରବୃଦ୍ଧିର ଆବଶ୍ୟକତା ରହିଛି ବୋଲି ଅଟୋ କମ୍ପାନୀଗୁଡ଼ିକ ପକ୍ଷରୁ କୁହାଯାଇଛି।

ନିକଟରେ ମାରୁତି ସୁଜୁକି ସହ ଅନେକ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ଗୋଟିଏ ପଟେ ପେଟ୍ରୋଲ ଓ ଡିଜେଲ ମହଙ୍ଗା ହେବା ପରେ ଏବେ ଅଟୋଶିଳ୍ପର ମହଙ୍ଗା ଖବର ସାଧାରଣ ଜନତାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ୨ ଓ ୪ ଚକିଆ ସହ ଟ୍ରାକ୍ଟରର ଦାମ ବି ବଢ଼ିବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ଫଳରେ କୃଷକଙ୍କ ପାଇଁ ଏହା ଏକ ବଡ ସମସ୍ୟା ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଦେଶର ଅଗ୍ରଣୀ କାର୍ ନିର୍ମାତା ମାରୁତି ସୁଜୁକି ୩ ରୁ ୫% ଦର ବଢାଇବାକୁ ନିଷ୍ପତ୍ତି ନେଇଛି। ସେହିଭଳି ନିଶାନ୍ ମଧ୍ୟ ଦରବୃଦ୍ଧି କରିବାକୁ ଘୋଷଣା କରିଛି। ଚଳିତ ବର୍ଷ ୨ୟ ଥର ଲାଗି ଗାଡ଼ି ଦାମରେ ବୃଦ୍ଧି ହେବାକୁ ଯାଉଛି। ଏହା ପୂର୍ବରୁ ଜାନୁୟାରୀରେ ବିଭିନ୍ନ ଗାଡ଼ିର ଦାମ୍ ବଢିଥିଲା।

ସେହିଭଳି ଟ୍ରାକ୍ଟର ନିର୍ମାତା ଏସ୍କର୍ଟସ୍ ଏହାର ବିଭିନ୍ନ ମଡେଲର ଦାମ୍ ମଧ୍ୟ ଏପ୍ରିଲ ୧ରୁ ବଢ଼ାଇବେ ବୋଲି କହିଛି। ଏ ସମ୍ପର୍କରେ କମ୍ପାନୀ ଷ୍ଟକ୍ ବଜାରକୁ ନିକଟରେ ସୂଚନା ଦେଇ କହିଛି, ଟ୍ରାକ୍ଟର ନିର୍ମାଣରେ ବ୍ୟବହାର କରାଯାଉଥିବା ବିଭିନ୍ନ ସାମଗ୍ରୀର ଦାମ୍ ବୃଦ୍ଧି ପାଇଥିବାରୁ ଦରବୃଦ୍ଧି ଆବଶ୍ୟକ ହୋଇପଡ଼ିଛି। କମ୍ପାନୀର ବିଭିନ୍ନ ମଡେଲର ଦାମ ଭିନ୍ନ ଭିନ୍ନ ପ୍ରକାର ବୃଦ୍ଧି ହେବ ବୋଲି ଜଣାପଡିଛି।

ସେହିପରି ସ୍କୁଟର ଓ ବାଇକ୍ ନିର୍ମାତା ହିରୋ ମୋଟୋକର୍ପ ମଧ୍ୟ ଦରବୃଦ୍ଧି ବିଷୟରେ ଘୋଷଣା କରିଛି। ହିରୋ ଗାଡ଼ିଗୁଡ଼ିକର ଦାମ୍ ଏପ୍ରିଲ ୧ରୁ ବଢ଼ିବ। ହିରୋର ବିଭିନ୍ନ ଗାଡ଼ିର ମୂଲ୍ୟ ୨ରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ିବ ବୋଲି ସୂଚନା ମିଳିଛି। ତେବେ କେଉଁ ମଡେଲର ଦାମ୍ କେତେ ବଢ଼ିବ ତାହା ଜଣାପଡ଼ିନାହିଁ। ଆଗାମୀ ଦିନରେ ଅନ୍ୟ ପ୍ରମୁଖ ଗାଡ଼ି ନିର୍ମାତାମାନେ ମଧ୍ୟ ସେମାନଙ୍କ ବିଭିନ୍ନ ମଡେଲର ଦରବୃଦ୍ଧି ବିଷୟରେ ଘୋଷଣା କରିପାରନ୍ତି ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ବିଶ୍ୱର ବିଭିନ୍ନ ସ୍ଥାନରେ କରୋନା ସଂକ୍ରମଣର ୨ୟ ଲହର ବଢୁଥିବାରୁ ଅନେକ ଦେଶ ପରିବହନ ଓ ଯାତାୟାତ ଉପରେ କଟକଣା ଲଗାଇବା ଉପରେ ବିଚାର କରୁଛନ୍ତି। ଭାରତ ସରକାର ମଧ୍ୟ ଏସବୁ ଦିଗ ଉପରେ ନଜର ରଖିଛନ୍ତି। ଦେଶରେ ଗାଡ଼ି ନିର୍ମାଣ କରୁଥିବା ସଂସ୍ଥାଗୁଡ଼ିକ ବିଭିନ୍ନ ସ୍ଥାନରୁ ଯନ୍ତ୍ରାଂଶ ଓ ଅନ୍ୟାନ୍ୟ ଉପକରଣ ଆଦି ଆମଦାନୀ କରିଥାନ୍ତି। କରୋନା ସଂକ୍ରମଣ ଭୟରେ ପୁଣିଥରେ ଲାଗୁ ହେଉଥିବା କଟକଣା ଯୋଗୁ କେତେକ ସାମଗ୍ରୀ ଠିକ୍ ଭାବେ କମ୍ପାନୀ ପାଖରେ ପହଞ୍ଚିପାରୁନାହିଁ। ଏହାଦ୍ୱାରା ଯୋଗାଣ ଶୃଙ୍ଖଳ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ ଗାଡ଼ି ତିଆରିରେ ବ୍ୟବହାର ହେଉଥିବା ଇସ୍ପାତ ଭଳି ଆଉ କେତେକ ଧାତବ ସାମଗ୍ରୀର ମୂଲ୍ୟ ବୃଦ୍ଧି ହୋଇଥିବା ବେଳେ ପ୍ଲାଷ୍ଟିକ୍ ସାମଗ୍ରୀର ଦର ମଧ୍ୟ ମହଙ୍ଗା ହୋଇଛି। ଫଳରେ ଗାଡି ନିର୍ମାଣକାରୀ କମ୍ପାନୀଗୁଡ଼ିକୁ ପ୍ରତି ଗାଡ଼ି ନିର୍ମାଣ ପାଇଁ ପୂର୍ବାପେକ୍ଷା ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏସବୁ କାରଣରୁ ଯାନର ଦରବୃଦ୍ଧି କରିବାକୁ ପଡୁଛି ବୋଲି କମ୍ପାନୀଗୁଡିକ ପକ୍ଷରୁ କୁହାଯାଇଛି।

# କରୋନା ଯୋଗୁ ପ୍ରଭାବିତ ହେବନି ବିମାନ ସେବା

**ନୂଆଦିଲ୍ଲୀ,୨୭।୩**

ସାରା ଦେଶରେ କରୋନା ମହାମାରୀର ୨ୟ ଲହରର ପ୍ରଭାବ ବୃଦ୍ଧି ପାଉଛି। ଏଥିରେ ବିଭିନ୍ନ ରାଜ୍ୟ ଗତବର୍ଷ ଭଳି କଟକଣା ଲଗାଇବାକୁ ବିଚାର କରୁଥିବା ବେଳେ ବିମାନ ସେବା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଉପୁଜିଥିବା ପରିସ୍ଥିତିରେ ବିମାନ ସେବା ବନ୍ଦ ହେବନି ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଶନିବାର କହିଛନ୍ତି। ଘରୋଇ ବିମାନ ସେବା କ୍ଷେତ୍ରରେ ୧ ଏପ୍ରିଲରୁ ଲାଗୁ ହେବାକୁ ଥିବା ଯୋଜନା ବର୍ତ୍ତମାନ ଲାଗି ଅଟକାଇ ଦିଆଯାଇଛି ବୋଲି ପୁରୀ କହିଛନ୍ତ। ମନ୍ତ୍ରାଳୟ ୧ ଏପ୍ରିଲରୁ ବିମାନ ସେବାକୁ ଶତପ୍ରତିଶତ ସକ୍ରିୟ କରିବାକୁ ଯୋଜନା କରିଛି। ଗତବର୍ଷ କରୋନା ସମୟରେ ଲକଡାଉନ ଜାରି ହୋଇଥିବା ଯୋଗୁ ଦେଶର ଘରୋଇ ଉଡାଣକୁ ମଧ୍ୟ ଅଟକାଇ ଦିଆଯାଇଥିଲା। ଲକଡାଉନ ହଟିବା ପରେ ୨୫ ମେରୁ ପୁଣି ଡୋମେଷ୍ଟିକ ଉଡାଣ ଆରମ୍ଭ କରିଥିଲା।

# କେଭିପିୱାଇରେ ଫିଟ୍‌ଜୀ ଛାତ୍ରଙ୍କ ସଫଳତା

**ଭୁବନେଶ୍ୱର,୨୭।୩:** କେଭିପିୱାଇରେ ଫିଟ୍‌ଜୀ ଭୁବନେଶ୍ୱର ସେଣ୍ଟରର ୨ ବର୍ଷିଆ କ୍ଲାସ୍‌ରୁମ୍ ଛାତ୍ର ମାଷ୍ଟର ଶାଶ୍ୱତ ସାହୁ ଓଡ଼ିଶା ଟପ୍ପର ହୋଇଛନ୍ତି। ସେ ଏସ୍‌ଏକ୍ସ ଷ୍ଟ୍ରିମ୍‌ରେ ସାରା ଭାରତରେ ୧୩୪ ର୍‍ୟାଙ୍କ୍ ହାସଲ କରିଛନ୍ତି। ସେହିଭଳି ଫିଟ୍‌ଜୀ କଟକଠାରେ ଦୁଇ ବର୍ଷିଆ କ୍ଲାସ୍‌ରୁମ୍ କାର୍ଯ୍ୟକ୍ରମର ଛାତ୍ର ମାଷ୍ଟର ମଦନଦୀପ ପରିଡ଼ା ସାରା ଭାରତରେ ଏସ୍ ଏ ବର୍ଗରେ ୪୮ତମ ର୍‍ୟାଙ୍କ୍ ହାସଲକରି କଟକ ସହରର ଟପ୍ପର ହୋଇଛନ୍ତି। ଫିଟ୍‌ଜୀ ଭୁବନେଶ୍ୱର କଟକ ସେଣ୍ଟରର ଦୀର୍ଘବ୍ୟାପୀ କ୍ଲାସ୍‌ରୁମ୍ କାର୍ଯ୍ୟକ୍ରମରୁ ମୋଟ ୩୬ ଜଣ ଛାତ୍ରୀଛାତ୍ର କେଭିପିୱାଇ ଫେଲୋଶିପ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିମଧ୍ୟରୁ ଏସ୍‌ଏ ବର୍ଗରେ ୧୭ ଜଣ, ଏସ୍‌ଏକ୍ସ ବର୍ଗରେ ୧୯ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏହା ଆମ ପାଇଁ ଗର୍ବର ବିଷୟ ବୋଲି ଫିଟ୍‌ଜୀ ଓଡ଼ିଶା ସେଣ୍ଟରର ମେଣ୍ଟର ପି.କେ. ଦାସ କହିଛନ୍ତି। ଏହି ସଫଳତାକୁ ନେଇ ଭୁବନେଶ୍ୱର ସେଣ୍ଟର ମୁଖ୍ୟ ରଣଜୟ ବର୍ଦ୍ଧନ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କେଭିପିୱାଇରେ ଆକାଶର ୫୨୧ ଛାତ୍ରୀଛାତ୍ର ସଫଳ

**ଭୁବନେଶ୍ୱର,୨୭।୩:** କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନା(କେଭିପିୱାଇ)ରେ ଆକାଶ ଇନ୍‌ଷ୍ଟିଚ୍ୟୁଟ୍‌ର ୫୨୧ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ନିଖିଲ, ଅଂଶୁଲ ଏବଂ ପ୍ରଭାର ଶୀର୍ଷ ର୍‍ୟାଙ୍କ ହାସଲ କରିଛନ୍ତି। ନିଖିଲ ସର୍ବଭାରତୀୟ ର୍‍ୟାଙ୍କ ୩ ହାସଲ କରିଥିବା ବେଳେ ଅଂଶୁଲ ୯ ଏବଂ ପ୍ରଭାର ୧୦ତମ ସ୍ଥାନରେ ରହିଛନ୍ତି। ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତି ସମୟରେ ଗୁଣବତ୍ତାକୁ ଧ୍ୟାନରେ ରଖାଯାଉଛି ବୋଲି ଏହି ପରିପ୍ରେକ୍ଷୀରେ ଆକାଶ ଇନ୍‌ଷ୍ଟିଚ୍ୟୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


## ସର୍ବସାଧାରଣ ବିଜ୍ଞପ୍ତି

ICICI Bank
ICICI Bank Limited

**ପଞ୍ଜୀକୃତ କାର୍ଯ୍ୟାଳୟ:** ଲ୍ୟାଣ୍ଡମାର୍କ, ରେସ୍ କୋର୍ସ ସର୍କଲ, ଭଦୋଦରା ୩୯୦୦୦୭।
**କର୍ପୋରେଟ୍ କାର୍ଯ୍ୟାଳୟ:** ଆଇସିଆଇସିଆଇ ବ୍ୟାଙ୍କ ଟାୱାର୍ସ, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ ୪୦୦ ୦୫୧।

### ସୁନା ନିଲାମ ତଥା ଆମନ୍ତ୍ରଣ ବିଜ୍ଞପ୍ତି

ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ (''ଆଇସିଆଇସିଆଇ ବ୍ୟାଙ୍କ'')ଠାରୁ ସେମାନେ ହାସଲ କରିଥିବା ସୁନା ଅଳଙ୍କାର ବଦଳରେ ସୁବିଧା (''ସୁବିଧା'') ବାବଦୀୟ ବକେୟା ଅର୍ଥରାଶି ପୈଠ କରିବା ଲାଗି ନୋଟିସ ଜାରି କରାଯାଇଥିଲା। ସେମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ସେମାନଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରଗୁଡ଼ିକର ନିଲାମ **April 08, 2021** ଦିନ ସଞ୍ଚାଳନ କରିବା ଲାଗି ଆମେ ବାଧ ହେଉଛୁ। କୌଣସି ଆଗୁଆ ନୋଟିସ ବିନା ଖାତାକୁ ଅପସାରିତ କରିବା/ନିଲାମ ତାରିଖକୁ ବଦଳାଇବାର ପ୍ରାଧିକାର ଆଇସିଆଇସିଆଇ ବ୍ୟାଙ୍କର ରହିଛି । ନିଲାମ ଅନ୍‌ଲାଇନ୍ - **https://jewel-auction.procuretiger.com**ରେ **ଅପରାହ୍ଣ ୧୨.୩୦ ଘଟିକାରୁ ୩.୩୦ ଘଟିକା** ମଧ୍ୟରେ ସଞ୍ଚାଳନ କରାଯିବ। ସବିସ୍ତୃତ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ପ୍ରଦତ୍ତ ୱେବସାଇଟ୍‌ରେ ଲଗ୍ ଇନ୍ କରନ୍ତୁ । ମୃତ ଋଣଗ୍ରହୀତାଙ୍କ କ୍ଷେତ୍ରରେ, ସମସ୍ତ ସର୍ତ୍ତାବଳୀ ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ ।

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| **ଶାଖାର ନାମ: ଜୟପୁର** | |
| ୦୬୪୧୦୫୦୧୦୧୮୧ | ଏଲ୍ ବିଷ୍ଣୁମୂର୍ତ୍ତି |
| ୦୬୪୧୦୫୦୦୪୮୪୨ | ଯୁଧିଷ୍ଠିର ପାଢ଼ୀ |
| ୦୬୪୧୦୫୦୧୨୬୬୫ | ବିନୟ ସିଂ |
| ୦୬୪୧୦୫୦୧୪୨୭୨ | ଉମେଶ ଚନ୍ଦ୍ର ପଣ୍ଡା |
| ୦୬୪୧୦୫୦୧୭୦୯୩ | ଉମେଶ ଚନ୍ଦ୍ର ପଣ୍ଡା |
| ୦୬୪୧୦୫୦୧୦୫୨୯ | ଅଜିତ କୁମାର ସାହୁ |
| ୦୬୪୧୦୫୦୧୭୦୩୧ | ରାଧାକାନ୍ତ ତ୍ରିପାଠୀ |
| ୦୬୪୧୦୫୦୧୭୩୨୨ | ରାଧାକାନ୍ତ ତ୍ରିପାଠୀ |
| ୦୬୪୧୦୫୦୦୮୦୨୪ | ଅମିତ କୁମାର ଚଇତି |
| ୦୬୪୧୦୫୦୦୫୬୭୭ | ସୋମନାଥ ମୁଦୁଲି |
| ୦୬୪୧୦୫୦୧୬୪୪୭ | ସୋମନାଥ ମୁଦୁଲି |
| ୦୬୪୧୦୫୦୧୭୧୦୭ | ସଞ୍ଜୀବ କୁମାର ଚୌଧୁରୀ |
| ୦୬୪୧୦୫୦୦୭୦୭୨ | ବି ସିତେନ୍ଦ୍ର କୁମାର ପାତ୍ର |
| ୦୬୪୧୦୫୦୧୪୨୯୨ | ପ୍ରକାଶ ଚନ୍ଦ୍ର ପାଣି |
| ୦୬୪୧୦୫୦୦୯୭୦୬ | ମୁକେଶ ଖୋରା |
| ୦୬୪୧୦୫୦୧୭୩୦୭ | କୈଳାସ ପ୍ରଧାନ |
| ୦୬୪୧୦୫୦୧୧୪୫୭ | ସୁଜାତା ମୀନାକ୍ଷୀ ଆଶା |
| ୦୬୪୧୦୫୦୧୪୬୭୧ | ସୁରି ଗଣ୍ଡ |
| ୦୬୪୧୦୫୦୧୧୯୦୭ | ପ୍ରଭାକର ରାଜୁ |
| ୦୬୪୧୦୫୦୧୨୨୨୩ | ପୂଜା ରଥ |
| ୦୬୪୧୦୫୦୧୨୪୬୭ | ନରସିଂହ ଗୌଡ଼ |
| ୦୬୪୧୦୫୦୧୨୮୦୦ | ହରିଶ୍ଚନ୍ଦ୍ର ପାଇକ |
| ୦୬୪୧୦୫୦୧୩୫୧୨ | ଗୌର ୱାଇନ୍ଦର ସିଂ ମାଝୀ |
| ୦୬୪୧୦୫୦୧୪୭୩୧ | ବଳରାମ ସେଠୀ |
| ୦୬୪୧୦୫୦୧୩୭୯୬ | କବିତା ଗୌଡ଼ |
| ୦୬୪୧୦୫୦୧୪୧୧୦ | ରାଜକୁମାର ଟକ୍ରି |
| ୦୬୪୧୦୫୦୧୪୧୪୭ | ଗଣେଶ ନାୟକ |
| ୦୬୪୧୦୫୦୧୪୧୮୭ | ବିଜୟ ପୁଜାରି |
| ୦୬୪୧୦୫୦୧୬୪୫୨ | ବିଜୟ ପୁଜାରି |
| ୦୬୪୧୦୫୦୧୪୪୪୧ | ରାକେଶ କୁମାର ବେହେରା |
| ୦୬୪୧୦୫୦୧୪୬୭୮ | ଅଷ୍ଟୁ ଭତ୍ରା |
| ୦୬୪୧୦୫୦୧୪୬୮୮ | ଅମରନାଥ ଭଞ୍ଜ |
| ୦୬୪୧୦୫୦୧୪୭୦୨ | ଜାକବ ନାଗ |
| ୦୬୪୧୦୫୦୧୬୮୯୦ | ନାରାୟଣ ହରିଜନ |
| ୦୬୪୧୦୫୦୧୬୩୬୯ | ଅନିତା ଖୋରା |
| ୦୬୪୧୦୫୦୧୬୦୮୦ | ବାବୁଲା ଖୋରା |
| ୦୬୪୧୦୫୦୧୬୦୮୯ | ଖିଲୋ ଗୁନିୟା |
| ୦୬୪୧୦୫୦୧୬୧୧୪ | ସିଏଚ୍ ଜୟାଲକ୍ଷ୍ମୀ |
| ୦୬୪୧୦୫୦୧୬୧୩୫ | ବିଭିତ ଅଞ୍ଜଳି ନାଗ |
| ୦୬୪୧୦୫୦୧୭୩୭୨ | ସତ୍ୟଜିତ୍ ପଣ୍ଡା |
| ୦୬୪୧୦୫୦୧୬୧୭୯ | ଶ୍ରୀଧର ମାଳି |
| ୦୬୪୧୦୫୦୧୬୨୨୩ | ସଦନା ମାଝୀ |
| ୦୬୪୧୦୫୦୧୬୨୫୭ | ସତ୍ୟ ସନ୍ତା |
| ୦୬୪୧୦୫୦୧୬୩୩୦ | ବାବାଲି ଖରା |
| ୦୬୪୧୦୫୦୧୬୩୪୨ | ରତନି ଭତ୍ରା |
| ୦୬୪୧୦୫୦୧୬୪୪୧ | ଇନ୍ଦ୍ରୋ ହରିଜନ |
| ୦୬୪୧୦୫୦୧୬୫୩୨ | ସାଇ ଖରା |
| ୦୬୪୧୦୫୦୧୬୫୪୬ | ବିଶ୍ୱନାଥ ବିଶୋଇ |
| ୦୬୪୧୦୫୦୧୬୬୦୨ | ସବିତା ପରିଜା |
| ୦୬୪୧୦୫୦୧୬୬୧୩ | ସୁରେଶ କୁମାର ପଣ୍ଡା |
| ୦୬୪୧୦୫୦୧୬୬୪୧ | ନନ୍ଦ ଖିଲା |
| ୦୬୪୧୦୫୦୧୬୬୮୫ | ଇମାନୁଏଲ ହିଅଲ |
| ୦୬୪୧୦୫୦୧୬୭୨୦ | ଈଶ୍ୱର ଖିଲୋ |
| ୦୬୪୧୦୫୦୧୬୭୫୩ | ଡମ୍ବରୁ ଗଟନ |
| ୦୬୪୧୦୫୦୧୬୭୬୩ | ନୀଳକଣ୍ଠ କାଟିଲେଇ |
| ୦୬୪୧୦୫୦୧୬୮୪୮ | ସେକ୍ ଆଜ୍ମି |

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| ୦୬୪୧୦୫୦୧୭୧୪୬ | ସେକ୍ ଆଜ୍ମି |
| ୦୬୪୧୦୫୦୧୬୮୬୩ | ସନ୍ଦୀପ କୁମାର ନାୟକ |
| ୦୬୪୧୦୫୦୧୬୮୮୦ | ଗଣେଶ ବେହେରା |
| ୦୬୪୧୦୫୦୧୬୯୮୪ | ଲିପୁନ ଟାକ୍ରି |
| ୦୬୪୧୦୫୦୧୭୦୪୮ | ବାସୁ ପରଜା |
| ୦୬୪୧୦୫୦୧୭୦୬୭ | ଦୟାଶୀଳ ହରିଜନ |
| ୦୬୪୧୦୫୦୧୭୦୯୦ | ପ୍ରେମାଦନ ମହାନ୍ତି |
| ୦୬୪୧୦୫୦୧୭୦୯୪ | ଘାସିରାମ ଖରେ |
| ୦୬୪୧୦୫୦୧୭୧୧୧ | ମାନା ଗୋଲାରି |
| ୦୬୪୧୦୫୦୧୭୧୩୪ | ମାଡିବା ପରିଜା |
| ୦୬୪୧୦୫୦୧୭୧୪୪ | ଶଶିଭୂଷଣ ସୁରା |
| ୦୬୪୧୦୫୦୧୭୧୬୫ | ବୁଡୁ ନାୟକ |
| ୦୬୪୧୦୫୦୧୭୧୮୬ | ବିପ୍ର ଜେନା |
| ୦୬୪୧୦୫୦୧୭୧୯୬ | ଗୁପ୍ତା ହରିଜନ |
| ୦୬୪୧୦୫୦୧୭୨୬୬ | କୃଷ୍ଣା କିର୍ଷାନି |
| ୦୬୪୧୦୫୦୧୭୨୮୪ | ବୁଦ୍ରା ଗଡବା |
| ୦୬୪୧୦୫୦୧୭୩୨୮ | ପ୍ରଭାକର ସାହୁ |
| ୦୬୪୧୦୫୦୧୭୩୩୧ | ଧନପତି ଟାକ୍ରି |
| ୦୬୪୧୦୫୦୧୭୩୫୬ | ଛବିଲାଲ ବିଶୋଇ |
| ୦୬୪୧୦୫୦୧୭୩୫୦ | କୃଷ୍ଣା ଖିଲ |
| ୦୬୪୧୦୫୦୦୭୭୮୫ | ବଦ୍ରିନାଥ ବେହେରା |
| **ଶାଖାର ନାମ: କୋରାପୁଟ** | |
| ୨୫୮୧୦୫୦୦୦୭୭୯ | ଲକ୍ଷ୍ମୀନାରାୟଣ ଗୁଣ୍ଡ |
| ୨୫୮୧୦୫୦୦୩୦୯୨ | ସିଦେଶ କୁମାର କୌର |
| ୨୫୮୧୦୫୦୦୫୫୪୩ | ଏନ୍ ଶ୍ରୀନିବାସ ରାଓ |
| ୨୫୮୧୦୫୦୦୧୫୯୮ | ଫୁଲସ୍ମିତା କାଉଁରୀ |
| ୨୫୮୧୦୫୦୦୧୭୬୬ | କେ. ଗଙ୍ଗା ପ୍ରସାଦ |
| ୨୫୮୧୦୫୦୦୧୭୭୩ | ମନ୍ଦରଧର ବିଶ୍ୱାଳ |
| ୨୫୮୧୦୫୦୦୨୪୦୬ | ବିଭୂତି ଭୂଷଣ ସାବତ |
| ୨୫୮୧୦୫୦୦୪୦୫୯ | ଅନିଲ ଖୋସଲା |
| ୨୫୮୧୦୫୦୦୩୫୪୪ | ଜାନି କୁଲଦିପ |
| ୨୫୮୧୦୫୦୦୩୭୧୬ | କୃଷ୍ଣଚନ୍ଦ୍ର ଗୌଡ଼ |
| ୨୫୮୧୦୫୦୦୩୯୧୭ | କୃଷ୍ଣଚନ୍ଦ୍ର ଗୌଡ଼ |
| ୨୫୮୧୦୫୦୦୬୫୩୩ | କୃଷ୍ଣଚନ୍ଦ୍ର ଗୌଡ଼ |
| ୨୫୮୧୦୫୦୦୩୮୫୭ | ସରୋଜ କୁଲଦୀପ |
| ୨୫୮୧୦୫୦୦୪୧୩୪ | ଚନ୍ଦ୍ର ଟକ୍ରି |
| ୨୫୮୧୦୫୦୦୫୯୫୫ | ଚନ୍ଦ୍ର ଟକ୍ରି |
| ୨୫୮୧୦୫୦୦୪୨୭୯ | ମଦନା କଦାରି |
| ୨୫୮୧୦୫୦୦୪୩୨୫ | ସୁମିତ ରାଜ ମିଶନ ଘାରମ |
| ୨୫୮୧୦୫୦୦୬୧୨୯ | ବାପୁନ ଖରା |
| ୨୫୮୧୦୫୦୦୪୬୪୪ | ପ୍ରଫୁଲ୍ଲ ଡୋରା |
| ୨୫୮୧୦୫୦୦୪୭୪୮ | ବଲ୍ଲଭ ସାହୁନ୍ତ |
| ୨୫୮୧୦୫୦୦୪୭୮୪ | ସୁରେଶ ଚନ୍ଦ୍ର ଦଳାଇ |
| ୨୫୮୧୦୫୦୦୪୮୮୮ | ଡାଳିମ୍ବ ନାୟକ |
| ୨୫୮୧୦୫୦୦୬୬୦୫ | କୁଶ ବଡନାୟକ |
| ୨୫୮୧୦୫୦୦୪୯୧୬ | ଉଦୟ ଟାକ୍ରି |
| ୨୫୮୧୦୫୦୦୪୯୭୫ | କେଶବ ସାହୁ |
| ୨୫୮୧୦୫୦୦୫୯୯୨ | ସାଜିଦ ହୁସେନ |
| ୨୫୮୧୦୫୦୦୫୧୪୧ | ତୁଳେଶ୍ୱରୀ ସୁଚେନ |
| ୨୫୮୧୦୫୦୦୫୯୮୦ | ପ୍ରଦୀପ କୁମାର ଖରା |
| ୨୫୮୧୦୫୦୦୬୪୫୬ | ଟୁଙ୍କୁ ଜେନା |
| ୨୫୮୧୦୫୦୦୬୦୦୮ | ଭାଗବତୀ ଗୌଡ଼ |
| ୨୫୮୧୦୫୦୦୬୦୬୦ | ଆଭାସ କୁମାର ରଥନାୟକ |
| ୨୫୮୧୦୫୦୦୬୧୧୭ | ଗଙ୍ଗାଧର କିର୍ଷାନି |
| ୨୫୮୧୦୫୦୦୬୧୭୨ | ହରି ଜାନି |
| ୨୫୮୧୦୫୦୦୬୨୧୦ | ଦାମୋଦର ଗୋଲାରୀ |
| ୨୫୮୧୦୫୦୦୬୨୨୧ | ଦାମ ବଡ଼ନାୟକ |

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| ୨୫୮୧୦୫୦୦୬୨୫୫ | ନରସିଂହ ବେହେରା |
| ୨୫୮୧୦୫୦୦୬୨୭୧ | ଲକ୍ଷ୍ମଣ ବୀଣାଇ |
| ୨୫୮୧୦୫୦୦୬୩୪୭ | ରାଧା ପାଙ୍ଗୀ |
| ୨୫୮୧୦୫୦୦୬୩୪୯ | ଅନ୍ତର୍ଯ୍ୟାମୀ ଜେନା |
| ୨୫୮୧୦୫୦୦୬୩୭୫ | ସରୋଜ କୁମାର ବେହେରା |
| ୨୫୮୧୦୫୦୦୬୩୯୪ | ମଙ୍ଗଳା ଗୌଡ଼ |
| ୨୫୮୧୦୫୦୦୬୪୦୬ | ବୁର୍ଜ ଜାନି |
| ୨୫୮୧୦୫୦୦୬୪୫୧ | ଚକର ବୈରାଗୀ |
| ୨୫୮୧୦୫୦୦୬୫୦୩ | ମହେନ୍ଦ୍ର ମହଲା |
| ୨୫୮୧୦୫୦୦୬୫୦୪ | ଗୌଡା କଣ୍ଡାପାନ |
| ୨୫୮୧୦୫୦୦୬୫୯୫ | ରବୀନ୍ଦ୍ର ମାଝୀ |
| ୨୫୮୧୦୫୦୦୬୬୬୦ | ଲକ୍ଷ୍ମଣ ନାଏକ |
| ୨୫୮୧୦୫୦୦୬୮୧୭ | ରିଙ୍କି ରାଉତ |
| ୨୫୮୧୦୫୦୦୬୬୮୯ | ଅରୁଣ କୁମାର ହିଅାଲ |
| ୨୫୮୧୦୫୦୦୬୭୦୧ | ପରମ ଗୌଡ଼ |
| ୨୫୮୧୦୫୦୦୬୭୧୩ | ଅଭିମନ୍ୟୁ ପ୍ରଧାନ |
| ୨୫୮୧୦୫୦୦୬୭୬୬ | ହରି ପେଟିଆ |
| ୨୫୮୧୦୫୦୦୬୭୭୪ | ଗୁଗୁନି ପଲାଇ |
| ୨୫୮୧୦୫୦୦୬୮୩୫ | ରାମ ବାଘା |
| ୨୫୮୧୦୫୦୦୬୮୫୮ | ସାଦେବା ଜାନି |
| ୨୫୮୧୦୫୦୦୬୯୧୭ | ଘନୁଆ ଖୋସଲା |
| ୨୫୮୧୦୫୦୦୬୯୬୮ | ରାମ ମାଝୀ |
| ୨୫୮୧୦୫୦୦୬୯୭୮ | ବାବୁଲା କୋଟେଶ୍ୱର ବର୍ଦ୍ଧନ |
| ୨୫୮୧୦୫୦୦୭୦୦୧ | ଝୁନୁ ପୁଜାରୀ |
| ୨୫୮୧୦୫୦୦୭୫୯୯ | ମନୋଜ କୁମାର ପାଢ଼ୀ |
| ୨୫୮୧୦୫୦୦୭୭୫୬ | ନୀଳାମ୍ବର ନାଏକ |
| ୨୫୮୧୦୫୦୦୯୦୮୨ | ନରେନ୍ଦ୍ର କୁମାର ଟକ୍ରି |
| **ଶାଖାର ନାମ: କୋଟପାଡ଼** | |
| ୩୨୬୧୦୫୦୦୩୩୪୨ | ନନ୍ଦ ଭତ୍ରା |
| ୩୨୬୧୦୫୦୦୧୯୭୨ | କିରଣ ଭୁକ୍ତା |
| ୩୨୬୧୦୫୦୦୧୪୯୩ | ସତ୍ୟଜିତ ଶତ୍ରୁସଲ୍ୟ |
| ୩୨୬୧୦୫୦୦୧୫୬୪ | ସତ୍ୟଜିତ୍ ଶତ୍ରୁସଲ୍ୟ |
| ୩୨୬୧୦୫୦୦୦୦୬୬ | ଅନ୍ତରାମ ବିଦାର |
| ୩୨୬୧୦୫୦୦୫୦୪୬ | ଉମା ମହେଶ୍ୱର ପଟ୍ଟନାୟକ |
| ୩୨୬୧୦୫୦୦୦୬୬୬ | ମଧୁସୂଦନ ଭତ୍ରା |
| ୩୨୬୧୦୫୦୦୦୫୬୨ | ତୀର୍ଥ ଭଣ୍ଡାରୀ |
| ୩୨୬୧୦୫୦୦୦୪୫୨ | ବିଦ୍ୟାଧର ମାଝୀ |
| ୩୨୬୧୦୫୦୦୦୬୪୮ | ହରିହର ଭଣ୍ଡାରୀ |
| ୩୨୬୧୦୫୦୦୨୨୯୧ | ମନୋଜ କୁମାର ଦଳେଇ |
| ୩୨୬୧୦୫୦୦୨୪୨୩ | ମାଟି ପୁଜାରୀ |
| ୩୨୬୧୦୫୦୦୩୭୦୨ | ଶଙ୍କର ମାଝୀ |
| ୩୨୬୧୦୫୦୦୪୦୮୨ | ପ୍ରମିଳା ହରିଜନ |
| ୩୨୬୧୦୫୦୦୩୫୪୧ | କମଳେଶ ମାଝୀ |
| ୩୨୬୧୦୫୦୦୩୬୨୭ | ଧନୁର୍ଯ୍ୟୟ ଚାଲାନ |
| ୩୨୬୧୦୫୦୦୩୯୪୪ | ଭୀମସେନ ବିଶୋଇ |
| ୩୨୬୧୦୫୦୦୬୯୮୩ | ଭୀମସେନ ବିଶୋଇ |
| ୩୨୬୧୦୫୦୦୩୭୯୧ | ଗୁରୁବନ୍ଧୁ ମୁରିଆ |
| ୩୨୬୧୦୫୦୦୩୮୩୨ | ତୁଳାରାମ ବିଶୋଇ |
| ୩୨୬୧୦୫୦୦୭୩୯୪ | ବଳିରାମ ମଲି |
| ୩୨୬୧୦୫୦୦୪୦୨୭ | ସୁଦାରାମ ମାଝୀ |
| ୩୨୬୧୦୫୦୦୪୦୩୯ | ରାଧାମୋହନ ବୈଦ୍ୟ |
| ୩୨୬୧୦୫୦୦୪୦୫୩ | ସୁବାସିଂ ମାଝୀ |
| ୩୨୬୧୦୫୦୦୪୩୩୨ | ପଦଲାମ ପୁଜାରୀ |
| ୩୨୬୧୦୫୦୦୪୪୯୧ | ଅଭି ହରିଜନ |

**ତାରିଖ: ୨୮।୦୩।୨୦୨୧**
**ସ୍ଥାନ: କୋରାପୁଟ**

**ସ୍ୱା./- ପ୍ରାଧିକୃତ ଅଧିକାରୀ**
**ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ ପାଇଁ**


# ନୟାଗଡ଼ରେ ନୂତନ ହୋଣ୍ଡା ଶୋ'ରୁମ୍ ଉଦ୍‌ଘାଟିତ



**ନୟାଗଡ,୨୭।୩**

ରାଜ୍ୟର ଅଗ୍ରଣୀ ୨ଚକିଆ ଡିଲର ଗୁଗ୍‌ନାନି ମୋଟୋ ପ୍ରା.ଲିଃର ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ(ଏଚ୍ଏମ୍ଏସ୍ଆଇ) ପ୍ରା.ଲିଃ ପକ୍ଷରୁ ଶନିବାର ସ୍ଥାନୀୟ ଖଣ୍ଡପଡ଼ା ରୋଡ୍‌ଠାରେ ଏକ ନୂତନ ଶୋ'ରୁମ୍‌ର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ଏଚ୍ଏମ୍ଏସ୍ଆଇ ଓଡ଼ିଶାର ଜୋନାଲ ମ୍ୟାନେଜର ଅଜିତ ପଣ୍ଡା ଏବଂ ସେଲ୍ସ ଏଚ୍ଏମ୍ଏସ୍ଆଇର ଏରିଆ ଇନ୍‌ଚାର୍ଜ ଅଭିଷେକ ବେହେରା ଓ ଓଡ଼ିଶା ହାଇକୋର୍ଟର ଆଡଭୋକେଟ ଅବଦୁଲ ରଫି ଖାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୭୦୦୦ ବର୍ଗଫୁଟ ପରିସୀମାରେ ଏହି ନୂତନ ଶୋ'ରୁମ୍ ସହରର ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ଖୋଲାଯାଇଛି। ଗୁଗ୍‌ନାନିର ଏହା ୭ମ ଶୋ'ରୁମ୍ ବୋଲି ସୂଚନା ମିଳିଛି। ଏହି ଅତ୍ୟାଧୁନିକ ଶୋ'ରୁମ୍‌ରେ ହୋଣ୍ଡା ଦୁଇଚକିଆ ଯାନର ବିକ୍ରି ଓ ବିକ୍ରି ପରବର୍ତ୍ତୀ ସେବା ଏବଂ ସମସ୍ତ ସ୍ପେୟାର ପାର୍ଟ୍ସ ଉପଲବ୍ଧ ରହିଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଏହାର ପ୍ରମୋଟର ରାଜନ ଗୁଗ୍‌ନାନି ଉପସ୍ଥିତ ସମସ୍ତ ଅତିଥି ଓ ଗ୍ରାହକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଶୋ'ରୁମ୍ ପକ୍ଷରୁ ଆଗାମୀ ଦିନରେ ଗ୍ରାହକ ସନ୍ତୁଷ୍ଟିକୁ ପ୍ରାଧାନ୍ୟ ଦିଆଯିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଏହାର ଅନ୍ୟତମ ପ୍ରମୋଟର ସତ୍‌ପାଲ ଗୁଗ୍‌ନାନି ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ,ଏଠାରେ ମଡର୍ନ ଅଟୋମେଟେଡ୍ ୱାର୍କଶପ୍ ଏବଂ ପ୍ରତିଯୋଗିତାମୂଳକ ଦର ସହିତ ଉଚ୍ଚକୋଟୀର ଗ୍ରାହକ ସେବାକୁ ସଂସ୍ଥା ପକ୍ଷରୁ ଗୁରୁତ୍ୱାରୋପ କରାଯିବ । ଏହା ଓଡ଼ିଶାର ସବୁଠାରୁ ଅଧିକ ୨ ଚକିଆ ଯାନ ବିକ୍ରି କରୁଥିବା ଡିଲର । ଏହି ଅବସରରେ ସମ୍ମନୀତ୍ ଗୁଗ୍‌ନାନି, ଯସ୍‌ନୀତ୍ ଗୁଗ୍‌ନାନି ମଧ୍ୟ ଉପସ୍ଥିତ ଥିଲେ।

# ବିଟ୍ କଏନ କାରବାର ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବେ ନିବେଶକ କମ୍ପାନୀ

**ନୂଆଦିଲ୍ଲୀ,୨୭।୩**



ସାରା ବିଶ୍ୱରେ ବିଟ୍ କଏନର କାରବାର କାୟାବିସ୍ତାର କରିଚାଲିଛି। ଏହି ପରିପ୍ରେକ୍ଷୀରେ ଭାରତ ସରକାର ମଧ୍ୟ ଶେଷରେ ବିଟ୍ କଏନ (କ୍ରିପ୍ଟୋ କରେନ୍ସି)ର କାରବାରକୁ ଦେଶରେ ନିୟନ୍ତ୍ରଣ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କର୍ପୋରେଟ ମନ୍ତ୍ରଣାଳୟ ନିକଟରେ ଏଥିରେ ନିବେଶ କରୁଥିବା କମ୍ପାନୀଗୁଡିକୁ ନୋଟିସ ଜାରି କରିଛନ୍ତି। ବିଟ୍ କଏନ କାରବାର ସମ୍ପର୍କରେ ଏକ ବିସ୍ତୃତ ବାଲାନ୍ସ ସିଟ୍ ପ୍ରସ୍ତୁତକରି ସରକାରଙ୍କୁ ଅବଗତ କରାଇବା ସହ ଏହାର ନେଣଦେଣର ସମସ୍ତ ସୂଚନା ନିଜ ପାଖରେ ରଖିବାକୁ ବାଧ୍ୟତାମୂଳକ କରିଛନ୍ତି। ମନ୍ତ୍ରଣାଳୟର ଏଭଳି କଠୋର ପଦକ୍ଷେପ ଦେଶରେ ବଢୁଥିବା ବିଟ୍ କଏନ କାରବାର ଓ ଏହାର ବଜାରକୁ ନିୟାମକ ଅନ୍ତର୍ଗତ କରିବା ଲାଗି ଏହା ଏକ ପଦକ୍ଷେପ ବୋଲି କୁହାଯାଉଛି।

ନିକଟରେ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ଦେଶର ସମସ୍ତ ନିବେଶକ କମ୍ପାନୀ ବିଟ୍ କଏନ କାରବାରରୁ ହେଉଥିବା ଲାଭ ଓ କ୍ଷତି ଏବଂ କେତେ ପରିମାଣର ଏପରି କରେନ୍ସି ଗଚ୍ଛିତ ରଖିଛନ୍ତି ତା'ର ତଥ୍ୟ ସରକାରଙ୍କୁ ଦେବାକୁ ଅନିବାର୍ଯ୍ୟ କରିଛନ୍ତି। ସେହିପରି ଭର୍ଚୁଆଲ କରେନ୍ସି କାରବାରରେ ସାମିଲ ହେବା ଲାଗି କୌଣସି ବ୍ୟକ୍ତିଙ୍କ ଠାରୁ କେତେ ପରିମାଣର ଅର୍ଥ ରାଶି ସଂଗ୍ରହ କରାଯାଉଛି ବା କେଉଁଠାରେ ଏହାର ଜମା ହେଉଛି ସେ ସମ୍ପର୍କରେ ମଧ୍ୟ ସୂଚିତ କରିବାକୁ ନିର୍ଦ୍ଦେଶାବଳୀରେ କୁହାଯାଇଛି। ଆଗାମୀ ଆର୍ଥିକ ବର୍ଷରୁ ଏ ସମ୍ପର୍କିତ ସମସ୍ତ ସୂଚନା ସରକାରଙ୍କ ବିଭିନ୍ନ ବିଭାଗର ଜାଣତରେ କରିବାକୁ ଧାର୍ଯ୍ୟ କରାଯାଇଛି। ଅନ୍ତର୍ଜାତୀୟ ଗଣମାଧ୍ୟମର ଏକ ରିର୍ପୋଟ ଆଧାରରେ ଭାରତରେ ଅନ୍ୟୂନ କୋଟିଏ ଲୋକ କ୍ରିପ୍ଟୋ କରେନ୍ସିରେ ନିବେଶ କରିଛନ୍ତି। ଏଥିରୁ ବିଟ୍ କଏନରେ ନିବେଶକଙ୍କ ସଂଖ୍ୟା ସର୍ବାଧିକ ବୋଲି କୁହାଯାଉଛି। ତେବେ ଏହି କ୍ରିପ୍ଟୋ ବଜାରରେ କେଉଁ କେଉଁ କମ୍ପାନୀଙ୍କ ନିବେଶ ଅଛି ତା'ର କୌଣସି ତଥ୍ୟ ନାହିଁ। ଅନ୍ତର୍ଜାତୀୟ ସ୍ତରରେ ଟେସ୍‌ଲା ଓ ମାଇକ୍ରୋ ଷ୍ଟ୍ରାଟେଜି ଭଳି ଅନେକ ବୃହତ୍ କମ୍ପାନୀ କ୍ରିପ୍ଟୋ କରେନ୍ସିରେ ନିବେଶ କରିଛନ୍ତି।




